## ଶୁଭାରମ୍ଭହେଲା ଲକ୍ଷ୍ମୀ ବସ ସେବା

# ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ: ବିଧାୟକ ଆଚାର୍ଯ୍ୟ

ବରଗଡ଼, ୧୨।୨(ସମିସ)

ସୋମବାର ବରଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ ହୋଇଯାଇଛି। ଜର୍ଜ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ





କରକମଳରେ ଆଭାସି ମାଧ୍ୟମରେ ଲକ୍ଷ୍ମୀ ବସର ଶୁଭ ଉଦଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ତରଫରୁ ଅତିଥି ଭାବରେ ହସ୍ତତନ୍ତ, ବୟନଶିଳ୍ପ

## ପ୍ରଥମ ପର୍ଯ୍ୟାୟରେ ୨୧ଟି ବସର ଶୁଭାରମ୍ଭ

## ୧୪ ଲକ୍ଷ ୨୨ ହଜାର ଲୋକ ଉପକୃତ ହେବେ

ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମଞ୍ଚାସୀନ ଥିଲେ।

ଭିଡିଓ କନଫରେନ୍ସିଙ୍ଗ ଦ୍ୱାରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଅଭିଭାଷଣ ରଖି କହିଥିଲେ ଯେ ଲକ୍ଷ୍ମୀ ବସ ଦ୍ୱାରା ସବୁ ବର୍ଗର ଲୋକେ ଉପକୃତ ହେବେ। ମା'ମାନେ ସହଜରେ, ସୁବିଧାରେ ଓ କମ ଖର୍ଚ୍ଚରେ ଗାଁରୁ ଗାଁକୁ ଓ ବ୍ଲକ ମୁଖ୍ୟାଳୟକୁ ଯାଇପାରିବେ। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ, ରୋଗୀକୁ ଡାକ୍ତରଖାନାକୁ ତଥା ଚାଷୀକୁ ନିଜ ଦ୍ରବ୍ୟ ବିକ୍ରୟ କରିବା ପାଇଁ ବଜାରକୁ ପହଞ୍ଚାଇବ ଲକ୍ଷ୍ମୀ ବସ। ଏହା ଲୋକଙ୍କୁ ଲୋକଙ୍କ ସହ ଯୋଡିବ। ସେମାନଙ୍କ ମଧ୍ୟରେ ଥିବା ସାମାଜିକ ଓ ଅର୍ଥନୈତିକ ସଂପର୍କକୁ ମଜବୁତ କରିବ। ଏହାଦ୍ୱାରା ନୂଆ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବ୍ୟକ୍ତ କରିଥିଲେ।

ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ, ସୁରକ୍ଷିତ ଓ ସୁଲଭ ସଂଯୋଗ ନିମିତ୍ତ ଲକ୍ଷ୍ମୀ ବସର ଶୁଭାରମ୍ଭ କରାଯାଇଛି। ଯାହାକି ପର୍ଯ୍ୟଟନ ଓ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ସହ ସବୁବର୍ଗର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ମାନଦଣ୍ଡକୁ ଅଧିକରୁ ଅଧିକ ସୁଦୃଢ କରିବ। 'ଲକ୍ଷ୍ମୀ ଆସିଛି, ଲକ୍ଷ୍ମୀ ଦେବା ପାଇଁ' ଅର୍ଥାତ, ଲକ୍ଷ୍ମୀ ବସ ଜରିଆରେ ରାଜ୍ୟର ଆର୍ଥିକ ପ୍ରଗତି ହେବା ସହିତ ପଥଜନିତ ଦୂରତାର ଲାଘବ ହେବ ବୋଲି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ ମତବ୍ୟକ୍ତ କରିଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ ଆଜି ବରଗଡ଼ ପାଇଁ ଐତିହାସିକ ଦିନ ବୋଲି କହିବା ସହ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ କରୁଥିବା ରୂପାନ୍ତରଣ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

'ଲକ୍ଷ୍ମୀ ବସ- ଘରେ ଘରେ ଲକ୍ଷ୍ମୀ' ଯୋଜନାରେ ବରଗଡ଼, ବଲାଙ୍ଗିର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ୫ଟି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ ଲୋକାର୍ପଣ କରିଛନ୍ତି। ଏହା ଦ୍ୱାରା ଏହି ୫ଟି ଜିଲ୍ଲାର ମୋଟ ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ ଚାଲିବା ବେଳେ ୮୩ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇପାରିବେ। ପ୍ରଥମ ପର୍ଯ୍ୟାୟରେ ବରଗଡ଼ ଜିଲ୍ଲାରେ ୨୧ଟି ବସର ଶୁଭାରମ୍ଭ ହୋଇଥିବା ବେଳେ ପରବର୍ତ୍ତି ପର୍ଯ୍ୟାୟରେ ଆହୁରି ୫୦ଟି ମୋଟ ୭୧ଟି ଲକ୍ଷ୍ମୀ ବସ ବ୍ଲକ ମୁଖ୍ୟାଳୟରୁ ପଞ୍ଚାୟତକୁ ଚାଲିବ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୂଷଣ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଏମଭିଆଇ ସୁଷମା ସାହୁ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ବ୍ଲକର ମିଶନ ଶକ୍ତି କାଫେର ସଦସ୍ୟା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତଥା ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଜିଲ୍ଲାରେ ଗଡ଼ିବ ୭୧ଟି ଲକ୍ଷ୍ମୀ ବସ

ସୋମବାର ବରଗଡ଼ ଜିଲ୍ଲାରେ ଲକ୍ଷ୍ମୀବସ ସେବା ଆରମ୍ଭ ହୋଇଛି। ବ୍ଲକରୁ ପଞ୍ଚାୟତକୁ ୭୧ଟି ଲକ୍ଷ୍ମୀ ବସ ଚାଲିବ। ପ୍ରଥମ ପର୍ଯ୍ୟାୟରେ ବରଗଡ଼ ଜିଲ୍ଲାରେ ୨୧ଟି ବସର ଶୁଭାରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆହୁରି ୫୦ଟି ମୋଟ ୭୧ଟି ଲକ୍ଷ୍ମୀ ବସ ବ୍ଲକ ମୁଖ୍ୟାଳୟରୁ ପଞ୍ଚାୟତକୁ ଚାଲିବ ବୋଲି ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ବରଗଡ଼, ଅତାବିରା, ଭଟଲି, ଭେଡେନ ବ୍ଲକରେ ଗୋଟିଏ ଏବଂ ଅମ୍ବାଭୋନା, ବରପାଲି, ବିଜେପୁର, ଗାଇସିଲେଟ, ଝାରବନ୍ଧ, ପାଇକମାଲ, ରାଜବୋରାସମ୍ବର ଓ ସୋହେଲା ବ୍ଲକ ପାଇଁ ୨ଟି ରୁଟରେ ଏହି ବସ ଚଳାଚଳ କରିବ। ପର୍ଯ୍ୟାୟକ୍ରମେ ଜିଲ୍ଲାରେ ଆହୁରି ୫୦ଟି ବସ ଚଳାଚଳ କରିବ। ଯଦ୍ୱାରା ଜିଲ୍ଲାର ୧୪ ଲକ୍ଷ ୨୨ ହଜାର ଲୋକ ଉପକୃତ ହୋଇପାରିବେ।






# ପାନୀୟଜଳ ପାଇଁ ରାଜରାସ୍ତାରେ ସହରବାସୀ

**ବରଗଡ଼, ୧୨।୨ (ସମିସ):** ପଦ୍ମପୁର ସହରର ତିନି ନମ୍ବର ୱାର୍ଡରେ ଦୀର୍ଘ ବର୍ଷ ହେବ ପାନୀୟଜଳର ଉତ୍କଟ ସମସ୍ୟା ଲାଗି ରହିଛି। ଜଳଯୋଗାଣର ସୁବିଧା ହୋଇପାରି ନ ଥିବାରୁ କ୍ରମଶଃ ଜନଅସନ୍ତୋଷ ବଢ଼ିଥିଲା। ୧୦ ଦିନ ପୂର୍ବରୁ ପଦ୍ମପୁର ଏଡିଏମଙ୍କୁ ଭେଟି ପଡାବାସୀ ଆନ୍ଦୋଳନର ଚେତାବନୀ ଦେଇଥିଲେ। ୱାର୍ଡର ବିଜେଡି କାଉନସିଲ ପ୍ରିୟରଞ୍ଜନ ଭୋଇ ଓ ଶତାଧିକ ପଡାବାସୀଙ୍କ ଦସ୍ତଖତ ସମ୍ବଳିତ ଚେତାବନୀ ଦାବିପତ୍ର ଏଡିଏମକୁ ଦିଆଯାଇଥିଲା। ପୂର୍ବସୂଚନା ମତେ ଫେବୃୟାରୀ ୧୨ ସୁଦ୍ଧା ପ୍ରଶାସନ ପଦକ୍ଷେପ ନେଇ ନ ଥିବାରୁ ଦୁର୍ଗା ମନ୍ଦିର ନିକଟରେ ମୁଖ୍ୟରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ପାନୀୟ ଜଳର ଉତ୍କଟ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ କାଉନସିଲ ଏନଏସି ମିଟିଂରେ ସୂଚନା ଦେଇଥିଲେ ତଥାପି କୌଣସି ପଦକ୍ଷେପ ନେଇ ନ ଥିଲେ। ମୁଖ୍ୟରାସ୍ତାକୁ ଅବରୋଧ କରିବା ଫଳରେ



ପଦ୍ମପୁର, ପାଇକମାଳ ନୂଆପଡ଼ା ରାସ୍ତା ବନ୍ଦ ହୋଇଥିଲା। ବିଭାଗୀୟ ଏସଡିଓ ବରଗଡ଼ରୁ ଆନ୍ଦୋଳନସ୍ଥଳୀକୁ ପହଞ୍ଚିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ଅଧିକାରୀ ପାଞ୍ଚ ଦିନ ସମୟ ନେଇଥିଲେ। ତାପରେ ଦୀର୍ଘ ପାଞ୍ଚ ଘଣ୍ଟାର ରାସ୍ତା ଅବରୋଧ ହଟିଥିଲା। ୫ ଦିନ ମଧ୍ୟରେ ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ବଡ଼ ଧରଣର ଆନ୍ଦୋଳନ କରାଯିବା ପାଇଁ ଘୋଷଣା କରାଯାଇଛି।

# କୁଆପଥର ମାଡ଼ରେ ମୁଗ, ବିରି ଫସଲ କ୍ଷତିଗ୍ରସ୍ତ

**ଗାଇସିଲେଟ, ୧୨।୨(ସମିସ):** ଗାଇସିଲେଟ ବ୍ଲକ ବିଭିନ୍ନ ସ୍ଥାନରେ ହଠାତ ରବିବାର ସନ୍ଧ୍ୟା ସମୟରେ କୁଆପଥର ବୃଷ୍ଟି ହେବା ଫଳରେ ରବି ଫସଲ କ୍ଷତିଗ୍ରସ୍ତ ହୋଇଛି। କୁଆପଥରର ଆକାର ବଡ ହୋଇଥିବାରୁ ଲୋକମାନେ ଆତଙ୍କିତ ହୋଇ ପଡିଥିଲେ। ଅନେକ ଗ୍ରାମରେ ବର୍ଷା ପବନ ସହ କୁଆପଥର ପଡିଛି। କେତେକ ଚାଷୀ ମୁଗ, ବିରି, ଧାନ ପନିପରିବା ଚାଷ କରିଥିଲେ। ମୁଗ ବିରି ଫସଲରେ ଫୁଲ ହୋଇଥିବାରୁ ତାହା ସବୁ ନଷ୍ଟ ହୋଇଯାଇଛି। କରାମାଡ଼ରେ ପ୍ରବଳ ପବନ ହୋଇ ଫୁଲ ଫଳ ଝଡିଯାଇଛି। ସବୁ ଗଛ ତଳେ ପଡି ନଷ୍ଟ ହୋଇଯାଇଛି। ଗନିଆଁପାଲି ଗ୍ରାମରେ ଅଧିକ ଚାଷି ମୁଗ ବିରି ପନିପରିବା ଚାଷ ହୋଇଥିବା ସୂଚନା ଦେଇଛନ୍ତି ଚାଷୀ। ରବି ଫସଲ ଚାଷ କରିଥିବା ଚାଷୀଙ୍କ କୁଆ ପଥରରେ ନଷ୍ଟ ହୋଇଥିବାରୁ କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦେହାନ୍ତ

**ସୋହେଲା, ୧୨।୨(ସମିସ):** ସୋହେଲା ବ୍ଲକ ତବଡା ପଞ୍ଚାୟତ ଅନ୍ତର୍ଗତ କେର୍ମେଲି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ଭୋଇଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ବୟସ ହେଉଥିଲା। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ଶଯ୍ୟାଶାୟୀ ଥିଲେ। ମୃତ୍ୟୁବେଳକୁ ତାଙ୍କ ପତ୍ନୀ, ଦୁଇ ପୁଅ, ପୁତ୍ରବଧୂ ଓ ନାତିନାତୁଣୀ ତଥା ଜ୍ୱାଇଁ ଉପସ୍ଥିତ ଥିଲେ। ସୀମାନ୍ତ ଛତିଶଗଡ଼ ତଥା ଆଖପାଖ ଅଞ୍ଚଳରୁ ଅନେକ ଲୋକ ଆସି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମର ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ସଞ୍ଜୀବ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଭୋଇ ଜଣେ ସରଳ, ନିରାଡମ୍ବର ତଥା ଛାତ୍ରବତ୍ସଳ ଶିକ୍ଷକଭାବରେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ଚାକିରି ଜୀବନ ନିକଟସ୍ଥ ତବଡା ଗ୍ରାମର



ଏମଇ ସ୍କୁଲରୁ ଆରମ୍ଭ କରିଥିଲେ। ପରେ ଉକ୍ତ ଗ୍ରାମରେ ହାଇସ୍କୁଲ ପ୍ରତିଷ୍ଠା ହେବା ପରେ ତାଙ୍କୁ ଶିକ୍ଷକଭାବରେ ନିଯୁକ୍ତି ମିଳିଥିଲା। ପଦୋନ୍ନତି ପାଇ ମୁରା ହାଇସ୍କୁଲକୁ ବଦଳି ହୋଇଥିଲା। ସେଠାରେ କିଛି ମାସ କାର୍ଯ୍ୟ କରିବା ପରେ ପୁଣି ତବଡା ହାଇସ୍କୁଲକୁ ବଦଳି ହୋଇଥିଲା। ଏଠାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିବା ପରେ ସେ ଅବସର ଗ୍ରହଣ କରିଥିଲେ।

# ତେଲଙ୍ଗାନାରୁ ଫେରିଲେ ଉଦ୍ଧାର ଶ୍ରମିକ

**ଦହିତା, ୧୨।୨ (ସମିସ):** ବରଗଡ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବୁଡେନ ଥାନାଧିକାରୀଙ୍କ ତୁରନ୍ତ ପଦକ୍ଷେପ ଗ୍ରହଣ ପରେ ୧୬ ଜଣ ଶ୍ରମିକ ତେଲଙ୍ଗାନାରୁ ଉଦ୍ଧାର ହୋଇ ଓଡିଶା ଫେରିଛନ୍ତି। ପରେ ସମସ୍ତ ଶ୍ରମିକଙ୍କ ନିଜ ନିଜ ଘର ତଥା ଗାଁକୁ ପଠାଇ ଦିଆଯାଇଛି। ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବୁଡେନ ପୁଲିସ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲା। ସେଠାରେ ଫସିଥିବା ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଶ୍ରମିକମାନେ ସମସ୍ତେ ନିଜ ନିଜ ଘରେ ସୁରକ୍ଷିତ ପହଞ୍ଚିପାରିଥିବାରୁ ପ୍ରଶାସନର ଉଦ୍ୟମ ଓ ସହଯୋଗକୁ ଧନ୍ୟବାଦ ଦେଇଛନ୍ତି।

# ବୁଧାପାଲି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଯୁବ ମହୋତ୍ସବ ଉଦ୍‌ଯାପିତ

**ପଦ୍ମପୁର, ୧୨।୨ (ସମିସ):** ପଦ୍ମପୁର ଉପଖଣ୍ଡ ବୁଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ଯୁବ ମହୋତ୍ସବ ଗ୍ରାମ୍ୟ କମିଟି ସଭାପତି ଡୋଳାମଣି ପଟେଲଙ୍କ ଅଧ୍ୟକ୍ଷତାରେ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ, ସରପଞ୍ଚ ଚୈତନ୍ୟ ଲୋହାର, ରାମ ସିଂ ଭୋଇ, ଏବିଇଓ ଶିବପ୍ରସାଦ ଯୋଷୀ, ଜୟକୁମାର ସାହୁ, ସିଆରସିସି ସନ୍ତୋଷ ବେହେରା, ଦେବାନନ୍ଦ ତୁରିଆ, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗଦାନ କରିଥିଲେ। ଭିଏସଏସ କ୍ରୀଡ଼ା ସଂସଦ ସଭାପତି ଲୋକନାଥ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ପ୍ରତାପ ସାହୁ ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ଦେଇ ବାର୍ଷିକ ବିବରଣୀ ପଠନ କରିଥିଲେ। ପୌଲସ୍ତୀ ପ୍ରଧାନ, ଜଗନ୍ନାଥ ସାହୁ, ଅଶୋକ ସାହୁ ଖେଳ ପରିଚାଳନା କରିଥିବା ବେଳେ ପୁରସ୍କାର ବଣ୍ଟନରେ ନିଳିମା ସୁନା, ପୂଜାରାଣୀ ସାହୁ, ବିରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଟୁନା ତୁମୁନିଆଁ ଧନ୍ୟବାଦ ଅର୍ପଣ କରିଥିଲେ।



# ସୌଖିନ କଳାକାର ସଂଘର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ

## ପ୍ରତିବର୍ଷ ପ୍ରଦର୍ଶିତ ହେବ ଚାରିଟି ନାଟକ

**ବରଗଡ଼,୧୨।୨(ସମିସ):** ସୌଖିନ କଳାକାର ସଂଘର ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରାରମ୍ଭରେ ସଂଘର ଓ ସୌଖିନ ସଙ୍ଗୀତ ବିଦ୍ୟାଳୟର ଗତ ବର୍ଷର ଆୟବ୍ୟୟର ହିସାବ କୋଷାଧ୍ୟକ୍ଷ କାହ୍ନୁ ପୃଷ୍ଟିଙ୍କ ଦ୍ୱାରା ଆଗତ ହୋଇଥିଲା। ପରେ ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିବା ସହ ପ୍ରତିବର୍ଷ ସଂଘ ତରଫରୁ ଅନ୍ୟୂନ ଚାରିଟି ନାଟକ ପ୍ରଦର୍ଶିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ପୂର୍ବତନ ସଭ୍ୟ ସ୍ୱର୍ଗତ ହରିହର ମିଶ୍ର ଓ ସ୍ୱର୍ଗତ ବିଭୂତି ଭୂଷଣ ପାଢ଼ୀଙ୍କ ସ୍ମୃତିରେ ଆସନ୍ତା ବିଶ୍ୱ ନାଟ୍ୟ ଦିବସରେ ସଂଘ ଦ୍ୱାରା ଦୁଇଟି ନାଟକ କରଯିବା ଏବଂ ସଂଘର ୫୦ ବର୍ଷ ପୂର୍ତ୍ତିର ଉଦଯାପନୀ ଉତ୍ସବକୁ ଏହି ବର୍ଷ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ଅବସରରେ ଆସନ୍ତା ୨୦୨୪ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ଆସନ୍ତା ବର୍ଷ ପାଇଁ ସଭପତି ପୂର୍ଣ୍ଣଚନ୍ଦ୍ର ଦାଶ, ଉପସଭାପତି ବିଜୟ ବେହେରା, ସମ୍ପାଦକ, ପ୍ରଭାସ ରଞ୍ଜନ ମହଲା, ସହସମ୍ପାଦକ ସ୍ୱରୂପ ଗଂଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ପ୍ରଶାନ୍ତ ଆଚାର୍ଯ୍ୟ, ସୁଶୀଲ ମହାପାତ୍ର, ଅନନ୍ତ ମଜୁମଦାର, ତ୍ରିନାଥ ତ୍ରିପାଠୀ, ଗୋପାଳକୃଷ୍ଣ ଦାଶ, ଅଶ୍ୱିନୀ ପଣ୍ଡା ମନୋନୀତ ହୋଇଥିଲେ। ନାଟକ ଇନଚାର୍ଜ ଭାବେ କେତନ ବଗାର ଓ ପ୍ରେକ୍ଷାଳୟ ନିର୍ମାଣ ଦାୟିତ୍ୱ ଭାବେ ପ୍ରଶାନ୍ତ ଆଚାର୍ଯ୍ୟ ମନୋନୀତ ହୋଇଥିଲେ। ନିର୍ବାଚନ ଅଧିକାରୀ ହିମାଂଶୁ ଭୂଷଣ ପାଢ଼ୀ ଓ ବିକାଶ ମିଶ୍ର ନିର୍ବାଚନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଘର ଉପସଭାପତି ନେହେରୁ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସରୁ ଇସ୍ତଫାଦେଲେ ପୂର୍ବତନ ଅତାବିରା ବିଧାୟକ ନିହାର

**ବରଗଡ଼, ୧୨।୨(ସମିସ):** ସୋମବାର ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦ ସମେତ ସମସ୍ତ ଦଳୀୟ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ପଠାଇଛନ୍ତି। ଏହାସହ ଏହାର ନକଲ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଏଆଇସିସି ଇନଚାର୍ଜ ତଥା ଓଡିଶା ପ୍ରଭାରୀ ଡ.ଅଜୟ କୁମାରଙ୍କୁ ପଠାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ୨୦୦୯ ରେ ଅତାବିରା ଆସନରୁ ଶ୍ରୀ ମହାନନ୍ଦ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଗତ କିଛି ବର୍ଷ ଧରି ସେ ଜିଲ୍ଲା କଂଗ୍ରେସ ସଭାପତି ଦାୟିତ୍ୱରେ ରହିଥିଲେ। ଗତକାଲି ୧୧ ତାରିଖରେ ବରଗଡ଼ ସମେତ ୧୩ଟି ଜିଲ୍ଲାରେ ନୂତନ ଜିଲ୍ଲା ସଭାପତି ତାଲିକା ଘୋଷିତ ହୋଇଥିଲା। ଏହାର ଦିନକ ପରେ ଅର୍ଥାତ ୧୨ ତାରିଖରେ ଶ୍ରୀ ମହାନନ୍ଦ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେବା ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।



# ମାଷ୍ଟର ଏଥ୍‌ଲେଟିକ୍‌ରେ ଦୁଇ ଭଉଣୀଙ୍କ କମାଲ୍‌

**ବରଗଡ଼,୧୨।୨(ସମିସ):** ଗୋଆରେ ଚାଲିଥିବା ଷଷ୍ଠ ଜାତୀୟ ମାଷ୍ଟର ଆଥଲେଟିକ ଗେମ୍ସରେ ଦୁଇ ଭଉଣୀ ଅନୁପମା ଘିବିଲା ଓ ଅରୁଣା ଘିବିଲା ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନେ କାଂସ୍ୟ ପଦକ ଓ ରୌପ୍ୟ ପଦକ ହାସଲ କରି ବରଗଡ଼କୁ ଗୌରବାନ୍ୱିତ କରିଛନ୍ତି। ଏହା ପୂର୍ବରୁ ଉଭୟେ ବନାରସ, ଦେହେରାଡୁନ, କେରଳ, ଗୁଜୁରାଟରେ ହୋଇଥିବା ମାଷ୍ଟର ଗେମରେ ମଧ୍ୟ ପଦକ ହାସଲ କରି ବରଗଡ଼ର ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ସରକାରୀ ସହାୟତା ଓ ପ୍ରୋତ୍ସାହନ ମିଳିଲେ ଭଉଣୀଦ୍ୱୟ ଆହୁରି ଉନ୍ନତ ପ୍ରଦର୍ଶନ କରିବେ ବୋଲି କହିଛନ୍ତି।






# ପାଇକମାଳ ବ୍ଲକ୍‌ରେ ଅଭିଯୋଗ ଶୁଣାଣି

**ପାଇକମାଳ, ୧୨।୨ (ସମିସ):** ପାଇକମାଳ ବ୍ଲକରେ ଉପଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଦ୍ମପୁର ଉପଜିଲ୍ଲାପାଳ ଆଲୋକ ପଟେଲ, ପାଇକମାଳ ବିଡିଓ ପ୍ରଫୁଲ ଅଦୁ ଯୋଗ ଦେଇଥିଲେ। ମୋଟ ୧୩୨ଟି ସମସ୍ୟାର ସମାଧାନ ପାଇଁ ଲୋକେ ଆବେଦନ କରିଥିଲେ। ବ୍ୟକ୍ତିଗତ ୧୦୨, ଗୋଷ୍ଠୀଗତ ୩୦ଟିର ତୁରନ୍ତ ସମାଧାନ କରିବାକୁ ବିଡିଓ ଏବଂ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପାଇକମାଳ ବ୍ଲକ କାର୍ଯ୍ୟାଳୟରେ ଥିବା ସଭାଗୃହରେ ଏହି ଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟୁତ କ୍ଷୁଦ୍ରଜଳସେଚନ ମୋଘର ରାସନକାର୍ଡ ଆଦି ବିଭିନ୍ନ ବିଷୟରେ ଅଭିଯୋଗ ଆସିଥିଲା। ସେହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ନୂତନ ଜିଲ୍ଲାପାଳ ଅଭିଯୋଗ ଶୁଣାଣିକୁ ଆସି ନଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଥିଲା।



## ଜିଲ୍ଲା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

# ରୋହିତ ମେହେରଙ୍କୁ ମିଷ୍ଟର ବରଗଡ଼ ଟାଇଟଲ

ବରଗଡ,୧୨।୨(ସମିସ)

ବରଗଡ ଜିଲ୍ଲା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ରୋହିତ ମେହେର ସମସ୍ତ ବିଭାଗର ବିଜେତାମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ବିଜୟୀ ହୋଇ ମିଷ୍ଟର ବରଗଡ ଟାଇଟଲ ହାସଲ କରିଛନ୍ତି। ଶ୍ରୀରାମ ଜିମ୍ ସହଯୋଗରେ ଜିଲ୍ଲା ବଡିବିଲଡିଂ ଏସୋସିଏସନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ଅନୀଲ ଗହୀର ପ୍ରଥମ, ରାଜେଶ ସାହୁ ଦ୍ୱିତୀୟ, ମିଲନ କୁଲୁ ତୃତୀୟ ହୋଇଥିବା ବେଳେ ୬୦ କେଜି ବର୍ଗରେ ସମ୍ବିତ ସେଟ ପ୍ରଥମ, ନିକୁ ମହାପାତ୍ର ଦ୍ୱିତୀୟ, ହିମାଂଶୁ ବାରିକ ତୃତୀୟ, ୬୫ କେଜି ବର୍ଗରେ କ୍ରିଷ୍ଣା ସାହୁ ପ୍ରଥମ, ଦେବରାଜ ବର୍ଗର୍ତ୍ତି ଦ୍ୱିତୀୟ, ଲିଙ୍ଗରାଜ ସାହୁ ତୃତୀୟ, ୭୦ କେଜି ବର୍ଗରେ ଡୋଲାମଣି ମେହେର ପ୍ରଥମ, ସ୍ୱାଧୀନ ବାରିକ ଦ୍ୱିତୀୟ, ଡିଲେଶ୍ୱର ବରିହା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୭୦ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ରୋହିତ ମେହେର ପ୍ରଥମ, କବି ମହାରଣା ଦ୍ୱିତୀୟ, ଗୌରହରି ମିର୍ଦ୍ଧା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଫିଟନେସ ସର୍ଟ ବା ବାଙ୍ଗରା ଗୃପରେ କ୍ରିଷ୍ଣା ସାହୁ ପ୍ରଥମ, ନିକୁ ମହାପାତ୍ର ଦ୍ୱିତୀୟ, ଦେବରାଜ ବର୍ଗର୍ତ୍ତି ତୃତୀୟ, ଉଚ୍ଚ ବା ଟଲ ଗୃପରେ ସମ୍ବିତ ସେଟ ପ୍ରଥମ, ଯସ ସୁରଜାଲ ଦ୍ୱିତୀୟ, ମୁକେଶ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଭାଗର ବିଜେତା ମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ବିଜୟୀ ହୋଇଥିବାରୁ ରୋହିତ ମେହେରଙ୍କୁ ମିଷ୍ଟର ବରଗଡ ଉପାଧି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବରେ ସୁନୀଲ ପଟ୍ଟନାୟକ, ସୁଜିତ ମହାନ୍ତି, ଲକ୍ଷ୍ମୀ ନାରାୟଣ ମିଶ୍ର, ବେଣୁ ପ୍ରଧାନ, କାନ୍ତିଲାଲ ଝଗରା, ଆଶିଷ ତ୍ରିପାଠୀ ଯୋଗ ଦେଇଥିଲେ। ପରେ ଜିଲ୍ଲା ବଡି ବିଲ୍ଡିଙ୍ଗ ଏସୋସିଏସନର ସଭାପତି ନନ୍ଦକୁମାର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ କିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବରଗଡ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଶିଳ୍ପପତି ଚନ୍ଦ୍ରଶେଖର ବାଗ, ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଶ୍ରୀରାମ ଜିମର ସତ୍ୱାଧିକାରୀ ସନ୍ତୋଷ ବିଷୋୟୀ ଆୟୋଜନରେ ସହଯୋଗ କରିଥିଲେ। ବିଜୟ ସୁନା, ଅରୁଣ ଭୋସାଗର, ପୁରୁଷୋତ୍ତମ ବିଶି, ପିଣ୍ଟୁ ସରନ୍, ବୈଲୋଚନ ପ୍ରଧାନ, ଭବାନୀ ପୃଷ୍ଟି, କିରଣ ସିନ୍ଦରିଆ, କୈଳାସ ମେହେର, ମନୋରଞ୍ଜନ ମେହେର, ଭାବେଶ ଦୋରା, ଗୋବିନ୍ଦ ଦୁରଦାସ, ଗଣେଶ ସେଟ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରୁ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଆଗାମୀ ୧୭ ଓ ୧୮ ତାରିଖରେ ଗଞ୍ଜାମଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସମ୍ପାଦକ କିଶୋର ମିଶ୍ର ସୂଚନା ଦେଇଛନ୍ତି।



## ଟ୍ରକ୍ ବନ୍ଦୀରେ ସର୍ଭିସ୍ ରୋଡ

# ଗୋଟେପଟେ ପାର୍କିଂ; ଅନ୍ୟପଟେ ଅଳିଆ

**ସମ୍ବଲପୁର, ୧୨।୨(ସମିସ)**

ସାର୍ଭିସ ରୋଡରେ ସବୁବେଳେ ଜାମ ରହୁଛି। ଉକ୍ତ ରାସ୍ତା ଉଭୟ ପାର୍ଶ୍ୱରେ ଗାଡି ଯିବାଆସିବା କରିଥାଏ। ହେଲେ ଏବେ ଏହି ରାସ୍ତା ଟ୍ରକ୍ ବନ୍ଦୀରେ ଅଛି। ଗୋଟିଏ ପଟେ ବେଆଇନ ଭାବେ ଶହଶହ ଗାଡ଼ି ପାର୍କିଂ କରୁଛି। ଅନ୍ୟପଟେ କୁଡ଼କୁଡ଼ ଅଳିଆ ଗଦା ହୋଇଛି। ଅଇଁଠାପାଲି ଛକରୁ ରେମଡ଼ ଛକ ପର୍ଯ୍ୟନ୍ତ ସବୁବେଳେ ଗାଡ଼ି ଜାମ ରହିଥାଏ। ସେଥିପାଇଁ ସାଧାରଣ ଲୋକ ଜାମରୁ ବଞ୍ଚିବା ପାଇଁ ସାର୍ଭିସ ରୋଡକୁ ଆପଣାଇଥାନ୍ତି। କିନ୍ତୁ ସାର୍ଭିସ ରୋଡ ମଧ୍ୟ ଟ୍ରକ୍ ବନ୍ଦୀ ମଧ୍ୟରେ ରହିଛି। ବେଆଇନ ଭାବେ ଶତାଧିକ ଗାଡି ପାର୍କିଂ ହେଉଛି। ତଥାପି ଜିଲ୍ଲା ପୁଲିସଠୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ବେଆଇନ ପାର୍କିଂ କୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ବରେଇପାଲିରୁ ଅଇଁଠାପାଲି ଓ ରେମଡ ପର୍ଯ୍ୟନ୍ତ ବହୁ ସଂଖ୍ୟକ ଗ୍ୟାରେଜ ରହିଛି। ସେଥିପାଇଁ ଟ୍ରକ୍ ଗୁଡ଼ିକ ମରାମତି ପାଇଁ ରାସ୍ତ ଉପରେ ଲାଇନ୍ ହୋଇରହୁଛି। ଗ୍ୟାରେଜରେ ନିର୍ଦ୍ଦିଷ୍ଟ କୌଣସି ପାର୍କିଂର ସ୍ଥାନ ରହିନାହିଁ। ସେଥିପାଇଁ ଗାଡ଼ି ଗୁଡ଼ିକ ବେଆଇନ ଭାବେ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ସେପଟେ ଅନ୍ୟ ପାର୍ଶ୍ୱରେ ଅଳିଆ ଗଦା ହୋଇପଡ଼ିଛି। ଆବର୍ଜନାରେ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ଏସ୍ଏମ୍ସିର ସଫେଇ ବିଭାଗର ଅପାରଗତ ଓ ଦାୟିତ୍ୱହୀନତା ସହର ପାଇଁ ବୋଝ ସାଜିଛି। ସହରେ ଦେଇ ଯାଇଥିବା ରାଜପଥ ଗଡ଼ରେ ଏପରି ଅଳିଆ ଲୋକଙ୍କୁ ମର୍ମାହତ କରୁଛି। ସ୍ଥିତି ଏପରି ହୋଇଛି ଯେ, ଦିନତମାମ ଚାରି ଚକିଆ ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହେଲାଣି। ରାଜ୍ୟ ତଥା ବିଭିନ୍ନ ଜିଲ୍ଲାକୁ ଏହି ରାଜପଥ ୫୩ ସଂଯୋଗ କରୁଛି। ସହରକୁ ପ୍ରବେଶ କରୁ କରୁ ଏପରି ଅଳିଆ ଏବଂ ବେଆଇନ ପାର୍କିଂ ଅସୁନ୍ଦର କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏସ୍ଏମ୍ସି ନିଦା ବିଷ୍ଣୁ ସାଜିଥିବା ଲୋକେ କୁହାକୁହି ହେଲେଣି।



## ମହିଳାଙ୍କ ଦରପୋଡ଼ା ଶବ ଜବତ ଘଟଣା

# ୩ଦିନ ପରେ ବି ଟେର୍ ପାଉନି ପୁଲିସ

**ସମ୍ବଲପୁର, ୧୨।୨(ସମିସ):** ବିଜେପି ନେତା ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଶଶୀ ପାଗଡ଼ (୫୫)ଙ୍କ ନଗ୍ନ ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଶାସନ ଥାନା ଅର୍ନ୍ତଗତ ହୀରାକୁଦ ଡ୍ୟାମ ବାମ ଡାଇକ୍ ରାସ୍ତା ପାର୍ଶ୍ୱରୁ ପୁଲିସ ଜବତ କରିଥିଲା। ଏଭଳି ଜଘନ୍ୟ ହତ୍ୟାକାଣ୍ଡର ତିନିଦିନ ବିତିଯାଇଥିଲେ ମଧ୍ୟ ପୁଲିସ ହାତ ଖାଲି ରହିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ହେଲେ କୌଣସି ଟେର୍ ପାଉନାହିଁ। ଘଟଣାରେ କେଉଁ ମାନଙ୍କ ସଂପୃକ୍ତି ରହିଛି ତାହା ମଧ୍ୟ ସ୍ପଷ୍ଟ ହୋଇପାରି ନାହିଁ। ଯାହାକି ପୁଲିସ ପାଇଁ ଚିନ୍ତା ବଢ଼ିଯାଇଛି। ମହିଳାଙ୍କୁ କାହିଁକି ଓ କିଏ ହତ୍ୟା କଲା ତାର ସୁରାକ୍ ଟିକିଏ ବି ପୁଲିସ ଆଜିପର୍ଯ୍ୟନ୍ତ ପାଇପାରି ନାହିଁ। ବିଭିନ୍ନ ଦିଗକୁ ନେଇ କେବଳ ତଦନ୍ତ ଚାଲିଛି ବୋଲି କହୁଛି। ହେଲେ ଏଭଳି ଘଟଣାରେ ପୁଲିସର ବିଫଳତା ସହଜରେ ଗ୍ରହଣ କରାଯାଇ ପାରୁନାହିଁ। ଶଶିଙ୍କ ପରିବାରବର୍ଗଙ୍କୁ ଆଜି ପୁଲିସ ପୁଣି ପଚରା ଉଚୁରା କରିଛି। ପଡ଼ାବାସୀଙ୍କ ଠାରୁ ମଧ୍ୟ ପୁଲିସ ତଥ୍ୟ ପ୍ରମାଣ ସଂଗ୍ରହ ପାଇଁ ପଚରାଉଚୁରା କରିଛି। ଶଶିଙ୍କ ମୁଣ୍ଡର ପଛପଟେ ଆଘାତ ଲାଗିଥିଲା। କୌଣସି ଓଜନିଆ ଲୁହା ସାମଗ୍ରୀରେ ଆକ୍ରମଣ କରି ହତ୍ୟା କରାଯାଇଥିବା ନେଇ ସନ୍ଦେହ ହେଉଛି। ପ୍ରମାଣ ନଷ୍ଟ କରିବା ପାଇଁ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ ଦିଆଯିବାକୁ ଚେଷ୍ଟା କରାଯାଇଥିଲା। ଅନ୍ଧାରରେ ବାଡି ବୁଲାଉଛି ପୁଲିସ ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଏସ୍ଡିପିଓ ତୋଫାନ ବାଗ କହିଛନ୍ତି ଯେ, ଘଟଣା ସମ୍ବେଦଶୀଳ ଅଟେ। ପୁଲିସ ୪ ଗୋଟି ଟିମ୍ ଗଠନ କରି ତଦନ୍ତ ଜାରି ରଖିଛନ୍ତି। ତଥ୍ୟ ପ୍ରମାଣ ପାଇଁ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ ଯେ, ତିନିଦିନ ପୂର୍ବରୁ ଶଶୀ ନିଖୋଜ ଥିଲେ। ଏ ନେଇ ଶଶିଙ୍କ ପୁଅ ମଣ୍ଟୁ ଅଭିଯୋଗ କରିଥିଲେ। ପରେ ତାଙ୍କ ଅର୍ଦ୍ଧପୋଡ଼ା ମୃତଦେହ ପୁଲିସ ଉଦ୍ଧାର କରିଥିଲା। ତାଙ୍କ ହାତରେ ଲାଗିଥିବା ମୁଦିରୁ ପରିବାରବର୍ଗ ଚିହ୍ନଟ କରିପାରିଥିଲେ। ହତ୍ୟାକାରୀଙ୍କୁ ଶୀଘ୍ର କରାଯାଉ ବୋଲି ଦାବି କରି ଥାନା ଘେରାଉ କରିଥିଲେ। ପୁଲିସ ୩ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମଧ୍ୟ କହିଥିଲା। ଏବେ ଲୋକମାନେ ଦେଇଥିବା ମହଲତ ଶେଷ ହୋଇଛି। ଲୋକମାନଙ୍କ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି।

# ଭିସୁଟ୍‌ରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ



**ସମ୍ବଲପୁର, ୧୨।୨(ସମିସ):** ଭିସୁଟ୍‌ର ସିଭିଲ ଇଞ୍ଜିନିୟରିଂ ବିଭାଗ ଆନୁକୂଲ୍ୟରେ ସପ୍ତାହବ୍ୟାପୀ ହେବାକୁଥିବା ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ (ଏଫଡିପି) ଯୋଜନାର କର୍ମଶାଳା ଆଜି ଉଦ୍‌ଘାଟିତ ହୋଇଛି। ଭିସୁଟ୍ ନିକଟସ୍ଥ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ବେସରକାରୀ ସଂସ୍ଥାର ୫୯ଜଣ ପ୍ରତିନିଧି ଯୋଗ ଦେଇଛନ୍ତି। ଏହା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭିସୁଟ୍‌ର ଭାରପ୍ରାପ୍ତ କୁଳପତି ପ୍ରଫେସର ଅମରନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନିର୍ଦ୍ଦେଶକ ଆଇଏମ୍‌ଡି ଭୁବନେଶ୍ୱରର ଡ. ଶରତଚନ୍ଦ୍ର ସାହୁ, ଜଳ ସଂପଦ ବିଭାଗର ଇଂ ଆଶୁତୋଷ ଦାଶ, ଅବସର ପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ମହେନ୍ଦ୍ର କୁମାର ଭୁୟାଁ, ପ୍ରଫେସର ସୁଧାଂଶୁ ଦାସ, ବିଭାଗୀୟ ମୁଖ୍ୟ ସିଭିଲ ଇଞ୍ଜିନିୟରିଂ ପ୍ରଫେସର ରାକେଶ ରୋଶନ ଦାସ ଉପସ୍ଥିତି ରହି ଉଦ୍‌ଘାଟନ କରିଥିଲେ। ଜଳସମ୍ପଦର ବିଭିନ୍ନ ଦିଗ ଉପରେ ବିଶ୍ଳେଷଣ ଓ ଗବେଷଣା ଉପରେ କର୍ମଶାଳା ଆଲୋଚନା ହୋଇଥିଲା। ପ୍ରତିନିଧିଙ୍କୁ ଆଗାମୀ ଦିନରେ କ୍ଷେତ୍ର ପରିଦର୍ଶନ କରିବାର ଯୋଜନା ମଧ୍ୟ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଚୋରି ଘଟଣାର ପର୍ଦ୍ଦାଫାଶ, ୨ଗିରଫ

**ବୁର୍ଲା, ୧୨।୨(ସମିସ):** ଗୋଲଗୁଣ୍ଡା ଛକରେ ଥିବା ଆକୃତି ଇଣ୍ଡଷ୍ଟ୍ରିରୁ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ବୁର୍ଲା ପୁଲିସ। ଏହି ଚୋରି ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟାପାଲିରେ ଫରଦିନ ଶୈଖ ଓରଫ ଆହାନ (୨୦) ଓ ବିଜଲିନଗରର ମୋନୁ ନାଗ ଓରଫ ମୁନୁ (୨୦)। ଅଭିଯୁକ୍ତଙ୍କଠାରୁ ପୁଲିସ ୨ଟି ଡ୍ରିଲ୍ ମେସିନ୍, ୨ଟି କଟର ମେସିନ୍ ମେସିନ୍, ପାଣି ମୋଟର ପମ୍ପ ପ୍ରଭୃତି ଜବତ କରିଛି। ସୂଚନା ଅନୁସାରେ ୮ ଫେବୃଆରୀ ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ଆକୃତି ଇଣ୍ଡଷ୍ଟ୍ରିକୁ ପଶି କିଛି ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବୁର୍ଲା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏହାର ତଦନ୍ତ ଜାରି ରଖିଥିଲା।



# ସାଂସଦ ନିରଞ୍ଜନ ବିଶିଙ୍କୁ ସମ୍ବଲପୁରରେ ସ୍ୱାଗତ

**ସମ୍ବଲପୁର, ୧୨।୨(ସମିସ):** ସମ୍ବଲପୁର ରେଳଷ୍ଟେସନ ଠାରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ଆଜି ସମ୍ବଲପୁର ଜିଲ୍ଲାର ତାଙ୍କ ପ୍ରତିନିଧି ଓ ଯୁବ ବିଜେଡି ନେତାମାନେ ସ୍ୱାଗତ କରିଛନ୍ତି। ସାଂସଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବିଶେଷ କରି ସମ୍ବଲପୁର ଜିଲ୍ଲାରେ ସାଂଗଠାନିକ ସ୍ଥିତି ତଥା ଏସ୍‌ଟି, ଏସ୍‌ସି, ଓବିସି, ସଂଖ୍ୟାଲଘୁ ତଥା ସାଧାରଣବର୍ଗଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀତା ନେଇ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ସମୟରେ ଯୁବ ବିଜେଡି ନେତା ତଥା ସାଂସଦଙ୍କ ସମ୍ବଲପୁର ଜିଲ୍ଲା ପ୍ରତିନିଧି ଆଶିଷ ମହାନନ୍ଦ, ସୁଧିର ପଟ୍ଟନାୟକ, ନରେଶ ଶର୍ମା, ଅନିଲ ପାଣିଗ୍ରାହୀ, ବିକାଶ ତରିଆ, ଅଜୟ ମହାକୁର, ଭଜରାଜ ନାଗ, ଗୋପାଳ ଶର୍ମା, ସୁମନ ରଏ, ଶିବାଶିଷ ନନ୍ଦ, ସହଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# ପାଣି ପାଇପ୍ ମିସ୍ତ୍ରୀ ନାଁରେ ଚୋରି ଅଭିଯୋଗ

**ସମ୍ବଲପୁର, ୧୨।୨ (ସମିସ):** ଗ୍ରେଟ୍‌ର ସମ୍ବଲପୁରସ୍ଥିତ ଏକ ଘରର ପାଇପ୍ କାମ କରିବା ପରେ ଜଣେ ମିସ୍ତ୍ରୀ ପୁରୁଣା ସାମଗ୍ରୀ ଚୋରି କରିଥିବା ବରେଇପାଲି ଥାନାରେ ଅଭିଯୋଗ ହୋଇଛି। ଗତ ଜାନୁଆରୀ ମାସରୁ ତାଙ୍କ ଘରେ ପାଇପ୍ କାମ ଚାଲିଥିଲା। ଯାହା ପାଇଁ ଯେତିକି ପ୍ରାପ୍ୟ କହିଥିଲେ ସେତିକି ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ ୨୫ ଜାନୁଆରୀରୁ ମିସ୍ତ୍ରୀ କାମ ବନ୍ଦ କରିଦେଇଥିଲା।। ଏହାସହ ପୁରୁଣା ପାଇପ୍ ସାମଗ୍ରୀ ପ୍ରାୟ ୧୫ହଜାର ଟଙ୍କା ମୂଲ୍ୟର ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି।

# ମେଘନାଦ ପଧାନ ହେଲେ ରେଡକ୍ରସର ନୂତନ ପୃଷ୍ଠପୋଷକ



**ସମ୍ବଲପୁର, ୧୨।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଡକ୍ରସ ସୋସାଇଟିର ନୂତନ ପୃଷ୍ଠପୋଷକ ଭାବେ ମେଘନାଦ ପଧାନ (ଲୁଲୁ) ନିର୍ବାଚିତ ହୋଇଛନ୍ତି। ଏ ନେଇ ସମ୍ବଲପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକଙ୍କ କାର୍ଯ୍ୟାଳୟ ଠାରେ ନିଜେ ରେଡକ୍ରସ ପୃଷ୍ଠପୋଷକ ସଭ୍ୟର ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ରେଡକ୍ରସ ସୋସାଇଟିର ସମ୍ପାଦକ ଜୟ ଜର୍ଜ, ରେଡକ୍ରସର ପୃଷ୍ଠପୋଷକ ତଥା ସମାଜସେବୀ ନିହାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର, ୧୨।୨(ସମିସ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଖଣ୍ଡେ ମିଳିବା ଆଶା ନେଇ ଜଣେ ମହିଳା ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି। ରେଙ୍ଗାଲି ବ୍ଲକ ଅନ୍ତର୍ଗତ ତବଡ଼ାବାହାଲ ଗ୍ରାମର ସୁରେଖା ପ୍ରଧାନ ସମ୍ବଲପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଘର ମିଳିବା ନେଇ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ତାଙ୍କ କହିବା ଅନୁସାରେ ସେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ପରେ ମଧ୍ୟ ଘର ଖଣ୍ଡେ ମିଳିପାରୁ ନାହିଁ। ସେ ଭଙ୍ଗା ଦଦରା ଘରେ ରହୁଥିବା ଅଭିଯୋଗ କରିଛନ୍ତି। ଏପରି ଅବସ୍ଥାରେ ରହୁଛନ୍ତି ଯେ ପ୍ରଶାସନର ଯଦି ବିଶ୍ୱାସ ଆସୁନାହିଁ ତଦନ୍ତ କରିବାକୁ ମଧ୍ୟ କହିଛନ୍ତି। ସେହିପରି ଉକ୍ତ ଗ୍ରାମର କୌଶଲ୍ୟା ରୋହିଦାସ ରାସାନ କାର୍ଡରୁ ନିଜ ପରିବାର ନାମ ଅଲଗା କରିବା ପାଇଁ ଅଭିଯୋଗ କରିଛନ୍ତି। କୌଶଲ୍ୟାଙ୍କ ସ୍ୱାମୀ ନାହିଁ। ଦିନ ମଜୁରୀ କରି ଦୁଇ ସନ୍ତାନ ସହ ସେ ରହୁଛନ୍ତି। ଦିନ ମଜୁରୀ କରି ପରିବାର ପ୍ରତିପୋଷଣ କରିବା ବହୁତ କଷ୍ଟ ବୋଲି କହିଛନ୍ତି। ଶାଶୁଶଶୁର ରାସନକାର୍ଡରେ ତାଙ୍କ ନାମ ରହିଛି। ଯାହା ଫଳରେ ସେମାନେ ରାସନ ସାମଗ୍ରୀ ଦେଉ ନଥିବା କହିଛନ୍ତି। ସେଥିପାଇଁ ସେହି ରାସନକାର୍ଡରୁ ନାମ ଅଲଗା କରି ନିଜ ନାମରେ ରାସନକାର୍ଡ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଉଭୟ ମହିଳା ନ୍ୟାୟ ପାଇବା ଆଶାରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।



# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ସମ୍ବଲପୁର, ୧୨।୨(ସମିସ):** ସମ୍ବଲପୁର ବିଧାନସଭା ଅନ୍ତର୍ଗତ ସମ୍ବଲପୁର ମହାନଗର ନିଗମରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ନିମନ୍ତେ ଜନଅନୁରୋଧକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ପରେ ଚାରିଆଡ଼େ ଖୁସି ପ୍ରକାଶ ପାଇଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜୁ ଜନତା ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସୁପାରିଶରେ ମହାନଗରର ୩୪ ଗୋଟି ୱାର୍ଡରେ ୨୮୩ଟି ପ୍ରକଳ୍ପ ପାଇଁ ୧୨କୋଟି ୧୧ ଲକ୍ଷର ଅନୁଦାନ ମୁଖ୍ୟମନ୍ତ୍ରୀ ପାରିତ କରିଛନ୍ତି। ଏଥିପାଇଁ ସମ୍ବଲପୁର ବାସୀଙ୍କ ତରଫରୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ କୃତଜ୍ଞତା ଜଣାଇଛନ୍ତି। ଆସନ୍ତା ୧୪ ଫେବୃଆରୀରେ ସମସ୍ତେ ରେମେଡ଼ ପଡ଼ିଆରେ ଏକତ୍ରିତ ହୋଇ କୃତଜ୍ଞତା ଜଣାଇବ ବୋଲି ସେ ନିବେଦନ କରିଛନ୍ତି।

# ଡ଼ଃ ରାଧାନାଥ ରଥଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

**ସମ୍ବଲପୁର, ୧୧।୨(ସମିସ):** ଲୋକ ସେବକ ମଣ୍ଡଳ ସମ୍ବଲପୁର ଜୋନ୍ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଖ୍ୟାତ ସାମ୍ବାଦିକ ଓ ସମ୍ପାଦକ ତଥା ଲୋକ ସେବକ ମଣ୍ଡଳ ଓଡ଼ିଶାର ପୂର୍ବତନ ରାଜ୍ୟ ସଭାପତି ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୨୬ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଲୋକ ସେବକ ମଣ୍ଡଳ, ସ୍ଥାନୀୟ ଉପଦେଷ୍ଟା କମିଟିର ବରିଷ୍ଠ ସଭ୍ୟା ସମାଜ ସେବିକା ଡାକ୍ତର ନାରାୟଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଂସ୍କୃତି ରତ୍ନ କାର୍ତ୍ତିକ ପ୍ରସାଦ ବହିଦାର, ସଦାଶିବ ମହାପାତ୍ର, ଲୋକନାଥ ରାଉତ, ଲିଙ୍ଗରାଜ ସାହୁ, ଖଗେଶ୍ୱର ନାୟକ ପ୍ରମୁଖ ମୁଦିପଡ଼ା ସ୍ଥିତ ଡ଼ଃ ରାଧାନାଥ ରଥ କମ୍ୟୁନିଟି ସେଣ୍ଟରରେ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଓ ଧୂପଦୀପ ପ୍ରଦାନ ସହ ପୂଜାର୍ଚ୍ଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଶିଶୁ ମନ୍ଦିରରେ ଦୀକ୍ଷାନ୍ତ ସମାରୋହ

**ହୀରାକୁଦ, ୧୨।୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହୀରାକୁଦରେ ଦଶମ ଶ୍ରେଣୀ ଶିଶୁ ଭାଇଭଉଣୀ ମାନଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଇଭଉଣୀ ମାନଙ୍କ ମଙ୍ଗଳ କାମନା ନିମିତ୍ତ ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା ହୋଇଥିଲା। ଦୀକ୍ଷାନ୍ତ ସମାରୋହରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଶୋକ କୁମାର ପଣ୍ଡା ଓ ଯୁଗ୍ମ ସଂପାଦକ ସୋମନାଥ ତରିଆ ଉପସ୍ଥିତ ରହି ଶିଶୁ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ସଫଳତାର ଉତ୍ତୀର୍ଣ୍ଣ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଅତିଥି ପରିଚୟ ସହିତ ଶିଶୁ ମାନଙ୍କୁ ସମୟାନୁବର୍ତ୍ତୀତା, ସଂସ୍କାର, ସେବା, ସଦ୍ ବ୍ୟବହାର, ସତ୍‌କର୍ମ ଆଦି ବିଷୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସମସ୍ତେ ଏକ ଲକ୍ଷ୍ୟ ରଖି ଆଗକୁ ବଢ଼ିବା ପାଇଁ କହିଥିଲେ। ଆଚାର୍ଯ୍ୟ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ନିବେଦିତା ମହନ୍ତ ବୌଦ୍ଧିକ ପରିଚାଳନା କରିଥିଲେ। ଦଶମ ଶ୍ରେଣୀ ଶିଶୁ ଶୁଭମ କୁମାର ସ୍ୱାଇଁ, ପାର୍ଥ ସାରଥି ତ୍ରିପାଠୀ ଏବଂ ପ୍ରିୟାଂଶୁ ଦାସ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଆଚାର୍ଯ୍ୟ ବୈକୁଣ୍ଠ ନାଗ, ଦୀପକ ମେହେର, ଚନ୍ଦ୍ରମଣି ମହାରଣା, ଆଚାର୍ଯ୍ୟା ସଂଯୁକ୍ତା ବଡ଼ପଣ୍ଡା, ମିନା ବାରିକ ଓ ସେବିକା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରକୃତିରୁ ଜୀବନର ଶିକ୍ଷା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୨।୨(ସମିସ):** ସମ୍ବଲପୁର ଚିଡ଼ିଆଖାନାରେ ହୀରାକୁଦ ବନ୍ୟଜନ୍ତୁ କାର୍ଯ୍ୟାଳୟ ପକ୍ଷରୁ ଏକ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ପ୍ରକୃତିରୁ ଜୀବନର ଶିକ୍ଷା' ଶୀର୍ଷକ ଏହି କାର୍ଯ୍ୟକ୍ରମକୁ କିଶୋର ମେହେର ପରିଚାଳନା କରିଥିବା ବେଳେ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଷୟ ସହିତ ବିଭିନ୍ନ ଗପ ମାଧ୍ୟମରେ ପ୍ରକୃତିର ବିଭିନ୍ନ ଶିକ୍ଷା ଉପରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଶାସନ ସ୍ଥିତ ବିକାଶ ଯୁକ୍ତଦୁଇ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କଲେଜ ପରିବେଶରୁ ବାହାରି ଜଙ୍ଗଲ ମଧ୍ୟରେ ସଂପୂର୍ଣ୍ଣ ପ୍ରାକୃତିକ ପରିବେଶ ମଧ୍ୟରେ ପଶୁପକ୍ଷୀମାନଙ୍କ ଗହଣରେ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ବେଶ ଉତ୍ସାହର ସହିତ ଭାଗ ନେଇଥିଲେ। ହୀରାକୁଦ ବନ୍ୟଜନ୍ତୁ ଡିଭିଜନର ମୁଖ୍ୟ ଅଧିକାରୀ ଅଂଶୁପ୍ରଜ୍ଞା ଦାଶଙ୍କ ତତ୍ତ୍ୱାବଧାନରେ ନିୟମିତ ଭାବରେ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ସପ୍ତାହରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଯୋଗଦେଉଛନ୍ତି।



# ଡିଏଭି ବୁର୍ଲାରେ ୧୦୮ କୁଣ୍ଡୀୟ ହୋମଯଜ୍ଞ

**ବୁର୍ଲା, ୧୨।୨(ସମିସ):** ବୁର୍ଲା ଆନନ୍ଦ ବିହାରସ୍ଥିତ ଡିଏଭି ବିଦ୍ୟାଳୟ ପରିସରରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ବର୍ଷ ଜୟନ୍ତୀ ଅବସରରେ ୧୦୮ କୁଣ୍ଡୀୟ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ କର୍ତ୍ତା ରୂପେ ଅଧ୍ୟକ୍ଷା ରଶ୍ମୀ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ପୁରୋହିତ ଭାବେ ଡକ୍ଟର ଶାନ୍ତନୁ କୁମାର ତ୍ରିପାଠୀ ଓ ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଦ୍ୱାଦଶ ଓ ଦଶମ ଶ୍ରେଣୀ ସିବିଏସ୍‌ଇ ବୋର୍ଡ଼ ପରୀକ୍ଷା ଦେବାକୁ ଥିବା ବିଦ୍ୟାର୍ଥୀଗଣ ଯୋଗ ଦେଇଥିଲେ। ବେଦମନ୍ତ୍ର, ଓଁ କାରଧ୍ୱନି ବୈଦିକ ମନ୍ତ୍ରଯଜ୍ଞରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଅଭୟ କୁମାର ମିଶ୍ର ସଂଯୋଜନା କରିଥିବା ସ୍ଥଳେ ନିର୍ମଳ ଚନ୍ଦ୍ର ଦାଶ ସଙ୍ଗୀତ ସଂଯୋଜନା କରିଥିଲେ। ଗତ ବର୍ଷ ଫେବୃଆରୀ ୧୨, ୨୦୨୩ରୁ କାର୍ଯ୍ୟକ୍ରମ ଚାଲୁରହିଥିଲା। ଏହି ଅବସରରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମୁଖ୍ୟକର୍ତ୍ତା ତଥା ବିଦ୍ୟାଳୟର ଅଧ୍ୟକ୍ଷା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଅଭିଭାବକମାନଙ୍କୁ ସଫଳ ଆୟୋଜନ ତଥା ଶୃଙ୍ଖଳିତ, ଆଧ୍ୟାତ୍ମିକ ଯଜ୍ଞାନୁଷ୍ଠାନ ପାଇଁ ଧନ୍ୟବାଦ ଦେଇ ବୈଦିକ ପରମ୍ପରା ପ୍ରତି ଅଙ୍ଗୀକାରବଦ୍ଧତାକୁ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।



# ଏକଟଙ୍କିଆ କ୍ଲିନିକ୍‌କୁ ୩ବର୍ଷ ପୂର୍ତ୍ତି: ଆସିଲେ ୫୦ହଜାର ରୋଗୀ

**ବୁର୍ଲା, ୧୨।୨(ସମିସ)**

ଭିମସାର ମେଡିସିନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀ ତାଙ୍କର ଏକଟଙ୍କିଆ କ୍ଲିନିକ ପାଇଁ ଦେଶବିଦେଶରେ

## ଏକଟଙ୍କିଆ ଇସିଜି ଓ ନେବୁଲାଇଜର ସେବା ଆରମ୍ଭ

ଚର୍ଚ୍ଚାରେ ଥିବାବେଳେ ଆଜି ପୁଣି ଏକଟଙ୍କିଆ ଇସିଜି ଓ ନେବୁଲାଇଜର ସେବା ଆରମ୍ଭ କରିଛନ୍ତି। ଏକଟଙ୍କିଆ କ୍ଲିନିକ୍‌କୁ ଆଜି ୩ବର୍ଷ ପୂରିଥିବାବେଳେ ଏହି ଅବସରରେ ଆଜି ନୂଆଁ ସେବା ଆରମ୍ଭ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସୂଚନା ଅନୁସାରେ ୩ ବର୍ଷ ପୂର୍ବେ ଗରିବ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଡାକ୍ତର ରାମଚନ୍ଦାନୀ ଏକ ଭଡ଼ାଘରେ ଏକଟଙ୍କିଆ କ୍ଲିନିକ ଆରମ୍ଭ କରିଥିଲେ। ତେବେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ସେ ପଦ୍ମପୁର ଓ କେନ୍ଦ୍ରାପଡ଼ାରେ ଏକଟଙ୍କିଆ କ୍ଲିନିକ କରିଥିଲେ। ତାଙ୍କ ଏକଟଙ୍କିଆ ମେଡିସିନ ସେବା ସହ ଏକଟଙ୍କିଆ ରୋଗୀ ରହଣୀ କେନ୍ଦ୍ର ଯୋଗୁ ଆଜି ସେ ଗରିବ ରୋଗୀଙ୍କ ହୃଦୟ ଜିତିପାରିଛନ୍ତି। କଟଙ୍କିଆ ନେବୁଲାଇଜର ସେବା ଆରମ୍ଭ ହେବାଦ୍ୱାରା ଗରୀବ ରୋଗୀ ଆର୍ଥିକ ଶୋଷଣରୁ ବର୍ତ୍ତିବେ ବୋଲି ସେ ଆଶା ରଖିଛନ୍ତି। ଏହି ଟଙ୍କାକିଆ ଇସିଜି ଆରମ୍ଭ ହେବା ପରେ ସାଧାରଣ ରୋଗୀ ଓ ଲୋକମାନେ ବେଶ୍ ଖୁସି ହୋଇଛନ୍ତି। ଯେଉଁ ଇସିଜି ରୋଗୀମାନେ ବାହାରେ ପରୀକ୍ଷା କଲେ ୪୦୦ ରୁ ୫୦୦ ଟଙ୍କା ପଡୁଛି ତାହା ଏଠାରେ ମାତ୍ର ୧ ଟଙ୍କାରେ ଉପଲବ୍ଧ କରାଇଛନ୍ତି। ଏ ନେଇ ଆଜି ପ୍ରଥମେ ଇସିଜି କରାଇଥିବା ଘନ ତାଣ୍ଡି କହିଛନ୍ତି, ଆମେ ଗରିବ ରୋଗୀ ଏଠାରେ ଉପକୃତ ହେବୁ। ଗରିବ ରୋଗୀଙ୍କ ପାଇଁ ଏହା ଏକ ବରଦାନ ସଦୃଶ ହୋଇଛି ବୋଲି ରୋଗୀମାନେ କହିଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯେ ଆଜି ଏକ ଟଙ୍କିଆ ଇସିଜି ଓ ନେବୁଲାଇଜର ସେବାକୁ ଜଣେ ଗରିବ ରୋଗୀ ଫିତା କାଟି ଉଦ୍‌ଘାଟନ କରିଥିଲେ। ଗରିବ ରୋଗୀଙ୍କ ସେବା ହିଁ ଏକମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି ରାମଚନ୍ଦାନୀ।



# ବିଇଓଙ୍କ ସ୍କୁଲ ପରିଦର୍ଶନ

**ଦହିତା, ୧୨।୨ (ସମିସ):** ରାଜବୋଡାସମ୍ବର ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ ଆକସ୍ମିକ ଭାବେ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ନବମ, ଦଶମ ଶ୍ରେଣୀର ଅତିରିକ୍ତ ପାଠପଢ଼ା ଦେଖିଥିଲେ। ନବମ ଶ୍ରେଣୀରେ ଶିକ୍ଷୟିତ୍ରୀ ସୋନାଲିକା ଶବର ଇଂରାଜୀ ବ୍ୟାକରଣ ପଢ଼ାଉଥିଲେ। ଶିକ୍ଷାଧିକାରୀ ଅନେକ ପ୍ରଶ୍ନ ପଚାରି ସନ୍ତୋଷଜନକ ଉତ୍ତର ପାଇଁ ଖୁସି ହୋଇ ପିଲାଙ୍କୁ ଠିକ୍ ଭାବେ ପ୍ରସ୍ତୁତି କରିବାକୁ କହିଥିଲେ। ପୁଣି ପ୍ରଧାନଶିକ୍ଷକ ଶ୍ରୀ କ୍ଷୀରସିନ୍ଧୁ ସୁନାଙ୍କ ସହ ସାଇନିଂ ଷ୍ଟାର ଛାତ୍ରୀ ଗୋଲ୍ଡି ଯୋଷୀ ପଟେରିଆଙ୍କ ଘରକୁ ଯାଇ ପରୀକ୍ଷା ଚାପମୁକ୍ତ ଭାବେ ଦେବାକୁ ପ୍ରେରଣା ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଏହି ପ୍ରୟାସକୁ ଅଭିଭାବକ-ଅଭିଭାବିକାମାନେ ପ୍ରଶଂସା କରୁଛନ୍ତି।



**ଦୁଇ ସାଂସଦଙ୍କ ନଜର ନାହିଁ**

# ଦୁଇଯୋଡ଼ା ଦୂରନ୍ତ ଏକ୍ସପ୍ରେସ୍ ପଶ୍ଚିମ ଓଡ଼ିଶାରେ ରହଣି ନାହିଁ

**ସମ୍ବଲପୁର, ୧୨।୨(ସମିସ)**

ପଶ୍ଚିମ ଓଡ଼ିଶା ଦେଇ ୨ ଯୋଡ଼ା ଦୂରନ୍ତ ଏକ୍ସପ୍ରେସ୍ ଯାତାୟାତ କରୁଥିଲେ ହେଁ କେଉଁଠାରେ ବି ଏହା ରହଣି ନ କରିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସଂସଦରେ ପଶ୍ଚିମ ଓଡ଼ିଶାର ଦୁଇଦୁଇ ଜଣ ସାଂସଦ ପ୍ରତିନିଧିତ୍ୱ କରୁଛନ୍ତି। କିନ୍ତୁ ଏଥିପ୍ରତି ସେମାନଙ୍କର ବି ନିଘା ନାହିଁ।

ସୂଚନାନୁଯାୟୀ, ୨୯ ସେପ୍ଟେମ୍ବର ୨୦୦୯ରୁ ମୁମ୍ବାଇ ସିଏସ୍ଟିଏମ୍-ହାଓଡ଼ା ଓ ହାଓଡ଼ା-ସିଏସ୍ଟିଏମ୍ ପର୍ଯ୍ୟନ୍ତ ଉଭୟ ପଟରୁ ସପ୍ତାହରେ ଚାରି ଦିନ ଦୂରନ୍ତ ଏକ୍ସପ୍ରେସ୍ ଚଳାଚଳ କରୁଛି। ଏହା ମୁମ୍ବାଇର ସିଏସଟିଏମ୍ ଛାଡ଼ିବା ପରେ ଏହି ଟ୍ରେନ୍ ମହାରାଷ୍ଟ୍ର ଟେକନିକାଲ ଷ୍ଟପେଜ ଭାବେ କସାରା ଓ ଇଗତପୁରୀରେ ରହଣି କରିଥାଏ। ଏହାବ୍ୟତୀତ ମହାରାଷ୍ଟ୍ରର ଭୁଷାବଲ, ନାଗପୁର, ଛତିଶଗଡ଼ର ରାୟପୁର, ବିଲାସପୁର, ଝାଡ଼ଖଣ୍ଡର ଟାଟାନଗର ଦେଇ ଗନ୍ତବ୍ୟ ହାଓଡ଼ା ଷ୍ଟେସନରେ ପହଞ୍ଚିଥାଏ। ଏହି ଦୂରଗାମୀ ସୁପରଫାଷ୍ଟ ଏକ୍ସପ୍ରେସ୍ ତିନୋଟି




ରାଜ୍ୟ ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ ଦେଇ ଚଳାଚଳ କରିଥାଏ। ମହାରାଷ୍ଟ୍ରର ଉକ୍ତ ଓ ଟେକନିକାଲ ଷ୍ଟପେଜ ବ୍ୟତୀତ ଦୁଇଟି ଅନ୍ୟ ଷ୍ଟେସନରେ ଏହାର ରହଣି ରହିଛି। ସେହିପରି ଛତିଶଗଡ଼ରେ ଦୁଇଟି ଓ ଝାଡ଼ଖଣ୍ଡର ଗୋଟିଏ ଷ୍ଟେସନରେ ଏହି ଟ୍ରେନ୍ ଅଟକିଥାଏ। କିନ୍ତୁ ପଶ୍ଚିମ ଓଡ଼ିଶାର ଦୁଇଟି ପ୍ରମୁଖ ଶିଳ୍ପନଗରୀ ଖଣିଖାଦାନ ଭରା ରାଉରକେଲା ଓ ଝାରସୁଗୁଡ଼ା ଭଳି ଦୁଇଟି ବୃହତ୍ ଷ୍ଟେସନ୍ ଦେଇ ଏହି ଟ୍ରେନ୍ ଅତିକ୍ରମ କରୁଥିଲେ ମଧ୍ୟ ଏଠାରେ ଏହାର ରହଣି ନାହିଁ। ଓଡ଼ିଶାର ଏହି ଉଭୟ ସହରରେ ବିମାନ ସେବା ଥିବା ବେଳେ ବିଭିନ୍ନ ରାଜ୍ୟର ଲୋକ ଏହି ସହରଦ୍ୱୟକୁ କ୍ରମାଗତ ଭାବରେ ଯାତାୟାତ କରଥା'ନ୍ତି।

ଅନ୍ୟ ଏକ ଦୂରନ୍ତ ଏକ୍ସପ୍ରେସ୍ ପୁଣେ-ହାଓଡ଼ା ଓ ହାଓଡ଼ା-ପୁଣେ ଦେଇ ସପ୍ତାହକୁ ୨ଦିନ ଯାତାୟାତ କରୁଛି। ଏହି ଟ୍ରେନ୍ ମହାରାଷ୍ଟ୍ରର ଦୌଣ୍ଡ, ମନମାଡ଼, ଭୁଷାବଳ, ନାଗପୁର, ଛତିଶଗଡ଼ର ରାୟପୁର, ବିଲାସପୁର, ଝାଡ଼ଖଣ୍ଡର ଟାଟାନଗରରେ ରହଣି କରିଥାଏ। ଏହି ଟ୍ରେନ୍ ମଧ୍ୟ ରାଉରକେଲା ଓ ଝାରସୁଗୁଡ଼ା ଷ୍ଟେସନ୍ ଦେଇ ଚଳାଚଳ କରୁଥିବା ବେଳେ ଏଠାରେ ରହଣି ନାହିଁ। ଗୋଟିଏପଟେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ବେଳେ ଦୂରନ୍ତ ଭଳି ଦ୍ରୁତଗାମୀ ଟ୍ରେନ ପଶ୍ଚିମ ଓଡ଼ିଶାରେ ରହଣି ନଦେବା ସାଧାରଣ ଟ୍ରେନ ଯାତ୍ରୀଙ୍କ ମନରେ ଗଭୀର ଆଘାତ ଦେଉଛି। ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଝାରସୁଗୁଡ଼ା ସଂସଦୀୟ କ୍ଷେତ୍ରକୁ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସୁରେଶ ପୂଜାରୀ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ସାଧାରଣ ଯାତ୍ରୀଙ୍କ ସୁବିଧା ପାଇଁ ଦୂରନ୍ତ ଏକ୍ସପ୍ରେସକୁ ପଶ୍ଚିମ ଓଡ଼ିଶାର ଉପରୋକ୍ତ ଦୁଇ ପ୍ରମୁଖ ସହରରେ ରହଣି ବ୍ୟବସ୍ଥା କରି ନପାରିବା ଉଭୟ ସାଂସଦଙ୍କ ଅପାରଗତା ବୋଲି ଲୋକେ କହୁଛନ୍ତି।

# ଘେରିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ

**ଦେବଗଡ଼, ୧୨।୨(ସମିସ):** ଦେବଗଡ଼ ଜିଲ୍ଲା କୃଷକ ସଂଘର୍ଷ ସଂଘ ସୋମବାର ବରକୋଟ ବ୍ଲକ ରଙ୍ଗେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିଛି। ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ସଭାପତି ସେମ ହେମ୍ରାମଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟ ଓ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ଜିଲ୍ଲାର ଆଦିବାସୀଙ୍କୁ ଜଙ୍ଗଲ ଜମି, ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା, ଜମିର କିସମ ପରିବର୍ତ୍ତନ, ରେଙ୍ଗାଲି ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତଙ୍କୁ ଜମି ପ୍ରଦାନ ଓ ସରକାରୀ ଜମି ଦଖଲରେ ଥିବା ଚାଷୀଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ନେଇ ଦାବି ହୋଇଥିଲା। ତେବେ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୧୯ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।



# ୨୦ରେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଜିଲ୍ଲା ଗସ୍ତ

## ଲୋକାର୍ପଣ ହେବ କ୍ୟାନସର ହସପିଟାଲ ଓ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ

**ବରଗଡ଼,୧୨।୨(ସମିସ):** କ୍ୟାନସର ପ୍ରବଣ ବରଗଡ଼ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା କ୍ୟାନସର ହସପିଟାଲ ଆଗାମୀ ୨୦ ତାରିଖରେ ଲୋକାର୍ପଣ ହେବ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୧୯ରେ ବରଗଡ଼ ଜିଲ୍ଲାରେ କ୍ୟାନସର ହସପିଟାଲ ସ୍ଥାପନ ନେଇ ଘୋଷଣା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଏବେ ପୂରଣ ହୋଇଥିବା ବେଳେ ଆଗାମୀ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲା ଗସ୍ତ କରି ଏହାର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୋମବାର ଆଭାସି ମାଧ୍ୟମରେ ବରଗଡ଼ ଜିଲ୍ଲା ପାଇଁ ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ ଅବସରରେ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନିଜ ଗସ୍ତ ଅବସରରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ମଧ୍ୟ ଲୋକାର୍ପଣ କରିବେ ବୋଲି ଜଣାପଡିଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

**ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ**

# ତୃତୀୟ ଦିନରେ କୋଶଳ ସ୍କୁଲ ବିଜୟୀ

**ବରଗଡ଼,୧୨।୨(ସମିସ):** ଓଡ଼ିଶା ରାଜ୍ୟ କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଓ ବରଗଡ ଜିଲ୍ଲା କ୍ରିକେଟ ଏସୋସିଏସନର ଆୟୋଜନରେ କ୍ରିଷ୍ଣା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନର ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଇରପାଲି କୋଶଳ ସ୍କୁଲ ଦଳ ବିଜୟୀ ହୋଇଛି। କୋଶଳ ସ୍କୁଲ ଦଳ ଟସ୍ ଜିତି ପ୍ରଥମେ ମେଲଛାମୁଣ୍ଡା ସ୍କୁଲ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଆଜି ବର୍ଷା ଯୋଗୁଁ ଖେଳ ଡେରିରେ ଆରମ୍ଭ ହୋଇଥିବାରୁ ମ୍ୟାଚ୍ କୁ ୨୫ ଓଭର ବିଶିଷ୍ଟ କରାଯାଇଥିଲା। ମେଲଛାମୁଣ୍ଡା ସ୍କୁଲ ଦଳ ପ୍ରଥମେ ବ୍ୟାଟିଂ କରି ଦଳ ୧୦୨ ରନ କରି ଅଲ ଆଉଟ୍ ହୋଇଯାଇଥିଲା। ଜବାବରେ କୋଶଳ ସ୍କୁଲ ଦଳ ୧୮.୨ ଓଭରରେ ୧୦୪/୬ ରନ କରି ୪ ଉଇକେଟରେ ଜିତିଥିଲେ। ପ୍ରୟାସ ବଗାର ଓ ସନମ ସାହୁ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ମନୋଜ ପାତ୍ର ଓ ରଜତ ଦାଶ। ଗତକାଲି ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ଓ ବିକାଶ ଫାଷ୍ଟ ଷ୍ଟେପ ମଧ୍ୟରେ ସଂସ୍କାର ସ୍କୁଲ ଦଳ ୬ ରନରେ ଜିତିଥିଲେ। ମ୍ୟାଚ୍ କୁ ଭରତ ଚେତନ ପଣ୍ଡା ଓ ସୁଜିତ ଥଇତ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ରଜତ ଦାଶ ଓ ମନୋଜ ପାତ୍ର।

# ଆତ୍ମସୁରକ୍ଷା ତାଲିମ ଉଦ୍ୟାପିତ

**ପାଇକମାଳ, ୧୨।୨ (ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆତ୍ମସୁରକ୍ଷା ତାଲିମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ନାଏକଙ୍କ ତତ୍ତ୍ୱାବଧାନରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଛି। ଦୀର୍ଘ ୮ ଦିନ ଧରି ଅନୁଷ୍ଠାନରେ ପ୍ରଶିକ୍ଷକ ନନ୍ଦିନୀ ରାଉତ ତାଲିମ ପ୍ରଦାନ କରିଛନ୍ତି। ଏଥିରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ସହିଯୋଗ କରିଥିଲେ। ଏହି ତାଲିମ ପାଇ ଅନେକ ଛାତ୍ରୀ ଉପକୃତ ହୋଇଛନ୍ତି।



# କୁମୀରରେ ରକ୍ତଦାନ ଶିବିର

**ଝାରବନ୍ଧ, ୧୨।୨(ସମିସ):** ଝାରବନ୍ଧ ବ୍ଲକ କୁମୀର ଗ୍ରାମରେ ଲାଇଫ ଲେୟର ଓ ବିପଦର ବନ୍ଧୁ ସଙ୍ଗଠନର ମିଳିତ ଉଦ୍ୟମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁମୀର ସରପଞ୍ଚ ଯମୁନା ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ସମିତିସଭ୍ୟ କ୍ଷୀରସାଗର ସାହୁ, ଯୋଗାଣ ସହାୟକ ଜସପାଲ ସାହୁ ଉପସ୍ଥିତ ଥିଲେ। ଲାଇଫ ଲେୟର ସଦସ୍ୟ ଅରୁଣ ମାଝୀ, ଅମିତ ନାୟକ, ରେବତୀ ନାୟକ, ସରୋଜ ପ୍ରଧାନ, ଲକ୍ଷ୍ମଣ ବନଛୋର, ପ୍ରୀତି ସାହୁ, ରଙ୍କିତା ପଟେଲ, ବିପଦର ବନ୍ଧୁର ସଦସ୍ୟ ରାଜେଶ୍ୱର ଦର୍ଜି, ପିଣ୍ଟୁ ବାଗ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୨୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରର ସଂଗ୍ରାମ କେଶରୀ ମାହୁନ୍ତ, ଦୀପକ ସାହୁ, ହିତେଶ ସାହୁ, ଜିତେନ୍ଦ୍ର ଗୁର୍ଲା, ଗଣେଶ ପ୍ରଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।



# ଆଜିଠୁ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା

**ଦେବଗଡ଼, ୧୨।୨(ସମିସ):** ଦୀର୍ଘଦିନ ଧରି ଗ୍ରାମ୍ୟ କୃଷି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହାର ସମାଧାନ କ୍ଷେତ୍ରରେ ବିଭାଗୀୟ ଅଧିକାରୀ ଅଣଦେଖା କରୁଛନ୍ତି। ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ଦେବଗଡ଼ ସଙ୍ଘ ଏହି ଅଭିଯୋଗ କରିଛି। କ୍ୟାଡର ପୁନର୍ଗଠନ ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ଦାବିପ୍ରତି ଅଣ ଦେଖା କରାଯାଉଥିବାରୁ ସଙ୍ଘର ନିଷ୍ପତ୍ତି ଅନୁଯାୟୀ ଗତ ୮ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ମୋବାଇଲ ଯୋଗେ ବିଭାଗୀୟ ସେବାରୁ ସମସ୍ତେ ନିବୃତ୍ତ ରହିଥିଲେ। ଏହି ସମୟ ମଧ୍ୟରେ ବିଭାଗୀ କ୍ୟାଡର ପୁନର୍ଗଠନ ଦାବି ପୂରଣ ନ କରିବାରୁ ମଙ୍ଗଳବାରଠାରୁ ମୋବାଇଲ ଯୋଗେ ପ୍ରଦତ୍ତ ସେବା ବନ୍ଦ କରାଯିବା ସହ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣା ଦେବା ସହ ୨୦ରୁ ରାଜ୍ୟ କୃଷି ଭବନ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ସଙ୍ଘ ସଭାପତି ବିକାଶ ଗଡ଼ନାୟକ ଓ ସମ୍ପାଦକ ଯତୀନ ସାମନ୍ତ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

# ନିଖୋଜ ଯୁବକଙ୍କ କଙ୍କାଳ ଉଦ୍ଧାର

**ଦେବଗଡ଼, ୧୨।୨(ସମିସ):** ଦେବଗଡ଼ ଥାନା କାଉଁସିସିବାହାଲ ଗ୍ରାମ୍ୟ ଜଙ୍ଗଲରୁ ଜଣେ ଯୁବକଙ୍କ କଙ୍କାଳ ଉଦ୍ଧାର ହୋଇଛି। ଦେବଗଡ଼ ଥାନା ପୁଲିସ ଏହାକୁ ଚିହ୍ନଟ କରିବାରେ ସଫଳ ହୋଇଛି। ଏହି କଙ୍କାଳ ବାରକୋଟ ଥାନା ଅଧୀନ ସଇଡା ଗ୍ରାମର ଲୋଚନ ଶବରଙ୍କ ପୁଅ ସନ୍ତୋଷ ଶବରଙ୍କ ବୋଲି ଜଣା ପଡ଼ିଛି। କାଉଁସିବାହାଲ ଗ୍ରାମରେ ଥିବା ସମ୍ପର୍କୀୟ ଅଜା ବିମ୍ବାଧର ଲୁହୁରାଙ୍କ ଘରେ ରହି ସେହି ଗ୍ରାମର ମନୋଜ ସାହୁଙ୍କ ଘରେ ଚାଷବାସ କାର୍ଯ୍ୟରେ ସେ ନିୟୋଜିତ ଥିଲେ। ଗତ ଜୁନ ମାସରୁ ହଠାତ ସେ ନିଖୋଜ ହୋଇଯାଇଥିଲେ; ମାତ୍ର ପରିବାର ଲୋକଙ୍କ ପକ୍ଷରୁ ଥାନାରେ ନିଖୋଜ ସମ୍ପର୍କିତ କୌଣସି ଅଭିଯୋଗ ହୋଇ ନ ଥିଲା। ସୋମବାର ଗ୍ରାମର କେତେକ ବ୍ୟକ୍ତି କାଉଁସିବାହାଲ ଗ୍ରାମ ନିକଟସ୍ଥ ଜଙ୍ଗଲ ପଟକୁ ଯାଇଥିବା ବେଳେ ଏହି କଙ୍କାଳ ଦେଖିଥିଲେ। ଖବର ପାଇ ଏସଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଦେବଗଡ଼ ଥାନା ଅଧିକାରୀ ସରୋଜ ସେଠୀ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସନ୍ତୋଷଙ୍କ ପରିବାର ଲୋକେ କଙ୍କାଳ ଦେହରେ ଲାଗିଥିବା କପଡ଼ା ଦେଖି ଚିହ୍ନଟ କରିବା ପରେ ଜବତ କରି ଫରେନସିକ ଲ୍ୟାବକୁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଖୁଜେନ ସ୍କୁଲରେ ପାନୀୟଜଳ ସମସ୍ୟା



**ପଦ୍ମପୁର, ୧୨।୨ (ସମିସ):** ରାଜବୋଡାସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ବିଦ୍ୟାଳୟ ପରିସରରେ ଗୋଟିଏ ମାତ୍ର ପୁରୁଣା ନଳକୂଅ ରହିଛି କିନ୍ତୁ ସେଥିରୁ ପାଣି ବାହାରୁ ନାହିଁ। ଛାତ୍ରଛାତ୍ରୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପାନୀୟଜଳ ପାଇଁ ଗୋଟିଏ ନୂତନ ନଳକୂଅ ଖୋଳିବାକୁ ପରିଚାଳନା କମିଟି, ଅଭିଭାବକମାନେ ଦାବି କରିଆସୁଛନ୍ତି। ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ମଧ୍ୟ ଦାବି ହେଉଛି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ଦେବଗଡ଼, ୧୨।୨(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ପଞ୍ଚାୟତ ସମିତି ଅଧୀନ ସଇଡା, କଲା, କଣ୍ଢଲ ଓ କାଳିଆପାଳ ପଞ୍ଚାୟତର ମୁଖ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସଇଡା ସରପଞ୍ଚ ବିଦ୍ୟାଧର ପ୍ରଧାନ, କଲା ସରପଞ୍ଚ ସତ୍ୟନାରାୟଣ ପାଣି, କଣ୍ଢଲ ସରପଞ୍ଚ ସବିତା ବେହେରା ଓ କାଳିଆପାଳ ସରପଞ୍ଚ ପଦ୍ମିନୀ ପ୍ରଧାନ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡିକୁ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତ କରାଯିବା ସହ ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମିଶନ ଶକ୍ତି ସଦସ୍ୟା ଓ ଜନସାଧାରଣଙ୍କୁ ପଞ୍ଚାୟତର ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ସମ୍ପର୍କିତ ଏକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସ୍ଥାନୀୟ ସାଂସ୍କୃତିକ ଦଳ ଦ୍ୱାରା ଜନ ସଚେତନତା ସୃଷ୍ଟି କରାଯାଇଥିଲା। ୪ଟି ପଞ୍ଚାୟତରେ ଏହି ଶିବିରରେ ଉପସ୍ଥିତ ଜନସାଧାରଣଙ୍କଠାରୁ ଆମ ଓଡ଼ିଶା ନବୀନ ଓଡ଼ିଶାର ଆଗାମି ଯୋଜନା ନିମନ୍ତେ ୪ କୋଟି ୩୫ ଲକ୍ଷ ଟଙ୍କା ଅଟକଳରେ ୧୦୭ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ ହୋଇଥିଲା। ସଚେତନତା ଶିବିରରେ ନିର୍ବାହୀ ଅଧିକାରୀ ଅଶ୍ୱିନୀ ଦେଓ, ଦିଗାମ୍ବର ପ୍ରଧାନ, ଲିଲି ମହାନନ୍ଦ, ରଞ୍ଜନ ପ୍ରଧାନ ଓ ପର୍ଯ୍ୟବେକ୍ଷଣ ଅଧିକାରୀ ଦୀପକକେରକେଟ୍ଟା, କଲ୍ୟାଣୀ ସେଠି, ସୁଜାତା ସାହୁ ଓ ନୟନ ଚନ୍ଦ୍ର ସରକାରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



# ରିଆମାଳ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୧୨।୨(ସମିସ):** ରିଆମାଳ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୨୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୯ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥଲା। ଜମିପଟ୍ଟା, ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ, ଡ୍ରେନେଜ ମରାମତି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ତୃତୀୟ ଦିନରେ ମଧ୍ୟ ପିଲାଙ୍କୁ ସ୍କୁଲ ଛାଡିଲେନି ଅଭିଭାବକ

**ଦେବଗଡ଼, ୧୨।୨(ସମିସ):** ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତ ତଳେଇସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ଓ ଅଭିଭାବକଙ୍କ ଜିଦ୍ ଅଟଳ ରହିଛି। ସୋମବାର ତୃତୀୟ ଦିନରେ ମଧ୍ୟ ଅଭିଭାବକ ନିଜ ପିଲାଙ୍କୁ ସ୍କୁଲକୁ ପଢ଼ିବାକୁ ଛାଡି ନାହାନ୍ତି। ସ୍ଥାନୀୟ ବିଇଓ ଏବଂ ସିଆରସିସିଙ୍କ ଦୃଢୋକ୍ତି ଅନୁଯାୟୀ ସୋମବାର ଶିକ୍ଷକ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା; ହେଲେ ସମସ୍ୟା ସାମାଧାନ ହୋଇପାରିନି। ଜିଲ୍ଲା ଶିକ୍ଷା ବିଭାଗ ସମାଧାନ ନକରି ନିରବ ଦ୍ରଷ୍ଟା ସାଜିଛି।

# ଶ୍ରୀ ଶ୍ରୀରଣେଶ୍ୱର ରାମଚଣ୍ଡୀ ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ

**ଅମ୍ବାଭୋନା, ୧୨।୨(ସମିସ):** ଅମ୍ବାଭୋନା ବ୍ଲକର କଣ୍ଟିପାଲିସ୍ଥିତ ଶ୍ରୀ ଶ୍ରୀରଣେଶ୍ୱର ରାମଚଣ୍ଡୀ ମନ୍ଦିରର ରତ୍ନମୂଦ ଉତ୍ସବ ଅମ୍ବାଭୋନା ବ୍ଲକ ବିଶାଶହେ କୁଲିତା ସମାଜ ତରଫରୁ ସମ୍ପନ୍ନ ହୋଇଯାଇଛି। ବରଗଡ଼, ଝାରସୁଗୁଡ଼ା ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ଯଜ୍ଞରେ ମୁଖ୍ୟପଣ୍ଡିତ ହିମାଂଶୁ ରଥଙ୍କୁ ପଣ୍ଡିତ ସୀତାରାମ ରଥ, ଷଷ୍ଠି ରଥ, ଯୋଗିନ୍ଦ୍ର ମିଶ୍ର, ସଞ୍ଜୀବ ଦାଶ, ପ୍ରଫୁଲ୍ଲ ଶତପଥୀ ଓ ଅମିତ ପଣ୍ଡା ସହଯୋଗ କରିଥିଲେ। ଲଖନପୁରର ପୁରନ୍ଦର ସାହୁ, ବାଞ୍ଜିପାଲିର ପ୍ରେମରାଜ ପଧାନ, କଣ୍ଟିପାଲିର ଉଦ୍ଧବ ପଧାନ ଓ ପ୍ରକାଶପୁରର ସୁନୀଲ ପଧାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଉତ୍ସବରେ ସୁନ୍ଦରାକାଣ୍ଡ ପାରାୟଣ, ସଞ୍ଚାର, ସଂକୀର୍ତ୍ତନ, କୃଷ୍ଣଗୁରୁ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାରର ଆସର ଜମିଥିଲା। କଣ୍ଟିପାଲି ତଥା ଅଞ୍ଚଳର ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ ୨୦ ହଜାରରୁ ଅଧିକ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବିଶାଶହେ କୁଲତା ସମାଜର ସଭାପତି ସୁରେଶ ପଧାନ, ଉପସଭାପତି କୃଷ୍ଣଚନ୍ଦ୍ର ପଧାନ, ସଂପାଦକ ହୃଷୀକେଶ ପଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ସଂପାଦନ ହୋଇଥିଲା। ଅମ୍ବାଭୋନା ପୁଲିସ ମଧ୍ୟ ମୁତୟନ ରହଥିଲା।

# ଆୟୁର୍ବେଦିକ ଚିକିତ୍ସାଳୟ ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ



**ପାଇକମାଳ, ୧୨।୨ (ସମିସ)**

ପାଇକମାଳ ବ୍ଲକ ଅନ୍ତର୍ଗତ ପଲସଦା ଗ୍ରାମରେ ଆୟୁର୍ବେଦିକ ଚିକିତ୍ସାଳୟ ପାଇଁ ନୂତନ ଗୃହର ଶୁଭଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡା. ଅଲୋକ ମେହେରଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ବରଗଡ଼ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀଶ୍ରୀୟା ବେହେରା, ଅବସରପ୍ରାପ୍ତ ଶିକ୍ଷକ ସତ୍ୟାନନ୍ଦ ପାଣିଗ୍ରାହୀ, ସରପଞ୍ଚ ପଙ୍କଜ ସାହୁ, ସମିତିସଭ୍ୟ ମହେନ୍ଦ୍ର ସିଂ ବରିହା, ଗ୍ରାମ କମିଟି ଓ ଅନ୍ୟ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଜମିକୁ ସ୍ୱର୍ଗତ ଦମୟନ୍ତି ସାହୁ ଡାକ୍ତରଖାନା ନିର୍ମାଣ ପାଇଁ ୫୦ ଡେସିମିଲ ଦାନ କରିଥିଲେ। ଡା. ହର୍ଷକୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଷୟ ସମୃଦ୍ଧି ଶିବିର ଉଦ୍‌ଘାଟିତ

**ପାଇକମାଳ, ୧୨।୨ (ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଦ୍ୱିଦିବସୀୟ ବିଷୟ ସମୃଦ୍ଧି ଶିବିର ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୁର୍ବେଦିକ କଲେଜର ଡେପୁଟି ସୁପରିନ୍‌ଟେଣ୍ଡାଣ୍ଟ ଶରତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏବିଇଓ ଧଲେନ୍ଦ୍ର ବାରିକ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର ଓ ସୁଶାନ୍ତ ସାହୁ ମଞ୍ଚାସୀନ ଥିଲେ। ପାଇକମାଳ ବ୍ଲକର ୧୫୩ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଦୋଲମଣି ମାହାର, ବ୍ରଜକିଶୋର ଜେନା, ରଞ୍ଜନ ବାଗ ପ୍ରମୁଖ ୧୨ ସାଧନ କର୍ମୀ ପ୍ରଶିକ୍ଷଣ ଦେଉଛନ୍ତି। ତ୍ରିଲୋଚନ ନାୟକ ପରିଚାଳନା କରିଥିଲେ।



# ଅବ୍ୟବସ୍ଥାରେ ପ୍ରସନ୍ନ ପଣ୍ଡା ଛକ, ଟ୍ରେଲର ଖରାପ ହୋଇ ରାସ୍ତା ଜାମ

**ଝାରସୁଗୁଡ଼ା, ୧୨।୨(ସମିସ):** ଦିନକୁ ଦିନ ମରଣ ଯନ୍ତା ପାଲଟିବାରେ ଲାଗିଛି ପ୍ରସନ୍ନ ପଣ୍ଡା ଛକ। ମଝି ଛକରେ ସୋମବାର ସନ୍ଧ୍ୟାରେ ଏକ ୧୮ ଚକିଆ ଟ୍ରେଲର ଖରାପ ହୋଇ ପଡ଼ିଥିବାରୁ ଏହି ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରାଫିକ ଜାମ ରହିଛି। ଆଜି ଝାରସୁଗୁଡ଼ା ବନ୍ଦ ଡ଼ାକରା ପାଇଁ ସମସ୍ତ ଯାନବାହାନ ବନ୍ଦ ରହିଥିବା ବେଳେ ସନ୍ଧ୍ୟା ୬ଟାରେ ଗାଡ଼ି ଚଳାଚଳ ଆରମ୍ଭ ହୋଇଥିଲା। ଏହି ସମୟରେ ଏକ ୧୮ ଚକିଆ ଟ୍ରେଲର ସମ୍ବଲପୁରରୁ ସୁନ୍ଦରଗଡ଼କୁ ଅଭିମୁଖେ ଯାଉଥିବା ବେଳେ ପ୍ରସନ୍ନ ପଣ୍ଡା ଛକଠାରେ ଖରାପ ହୋଇ ମଝି ଛକରେ ଛିଡ଼ା ହୋଇ ରହିଥିଲା। ଏହି ଛକ ଠାରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ପୂରା ଛକ ଖାଲଖମାରେ ଭର୍ତ୍ତି ହୋଇଛି।

# ପାଉଁଶ ବୋଝେଇ ଟେଙ୍କର ଧକ୍କାରେ ଭାଙ୍ଗିଲା ୩ଟି ବିଜୁଳି ଖୁଣ୍ଟ

**ଝାରସୁଗୁଡ଼ା, ୧୨।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅନ୍ତର୍ଗତ ଅର୍ଡା ଧୁତୁରା ରସ୍ତାରେ ସୋମବାର ଅପରାହ୍ନରେ ପାଉଁଶ ପରିବହନ କରୁଥିବା ଟେଙ୍କର (ଓଡ଼୧୬ଏଫ୍-୧୪୨୨) ତିନୋଟି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ତିନୋଟି ଯାକ ବିଦ୍ୟୁତ ଖୁଣ୍ଟ ଭାଙ୍ଗିପଡ଼ିଥିଲା। ତେବେ ଜୀବନ୍ତ ତାର ଥିଲେ ହେଁ ଟେଙ୍କର ଚାଳକ ଜଣକ ସୁରକ୍ଷିତ ଅଛନ୍ତି।



ଆଜି ବିଶ୍ୱ ରେଡ଼ିଓ ଦିବସ

# ହଜିଯାଉଛି ରେଡ଼ିଓ, ମରିଯାଉଛି ଜୀବିକା

**ଝାରସୁଗୁଡ଼ା, ୧୨।୨(ସମିସ)**

ଆଜି ୧୩ ଫେବୃଆରୀ ବିଶ୍ୱ ରେଡ଼ିଓ ଦିବସ। ଆମ ସମାଜ ଗଠନ ଦିଗରେ ରେଡ଼ିଓର ଭୂମିକା ଅତୁଳନୀୟ। ଏବେ ମଧ୍ୟ ଏମିତି ଅନେକ ଗାଁ ରହିଛି ଯେଉଁଠି ବ୍ୟବସାୟିକ ଟିଭି କିମ୍ବା ଇଣ୍ଟରନେଟ ପହଞ୍ଚି ପାରିନି। ସେଠି ଦୁନିଆ ସହିତ ଜଡ଼ିତ ରହିବା ପାଇଁ ଦେଶ ବିଦେଶର ଖବର ସହିତ ମନୋରଞ୍ଜନର ଏକମାତ୍ର ସାଧନ ହେଉଛି ରେଡ଼ିଓ। ସହର ମାନଙ୍କରେ ଏବେ ବ୍ୟବସାୟିକ ରେଡ଼ିଓ ଲୋକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିବା ବେଳେ ବର୍ତ୍ତମାନ ମଧ୍ୟ ରେଡ଼ିଓର ଚାହିଦା ରହିଛି। ଏହି ରେଡିଓକୁ ପାଥେୟକରି ନିଜର ଗୁଜରାଣ ମେଣ୍ଟାଉଥିବା ଅନେକ ଲୋକ ରହିଛନ୍ତି। ସବୁଦିନ ସକାଳୁ ଦୋକାନ ଖୋଲି ଟେବୁଲ ଚାରିପଟେ ପଡ଼ି ରହିଥିବା କେତୋଟି ପୁରୁଣା ରେଡ଼ିଓରୁ ଧୂଳିଝାଡ଼ି ମେକାନିକ ଯଯାତି ନାୟକ ତାକୁ ସଜାଡ଼ିବା ଆରମ୍ଭ କରନ୍ତି। କେବେ କେମିତି ଗ୍ରାହକ ଆସନ୍ତି, କିନ୍ତୁ ପ୍ରତ୍ୟେକ ଦିନ ଗ୍ରାହକ ଆସିବାର ବାଟକୁ ଅପେକ୍ଷା କରିଥାନ୍ତି ସେହି ବର୍ଷିୟାନ ରେଡ଼ିଓ ମେକାନିକ ଯଯାତି। ଦୀର୍ଘ ୪୩ ବର୍ଷ ଧରି ଝାରସୁଗୁଡ଼ା ଗୁମାଡେରାରେ ନିୟୁ ରେଡ଼ିଓ ସାଉଣ୍ଡ ନାମକ ଏକ ରେଡ଼ିଓ ମରାମତି ଦୋକାନ କରିଛନ୍ତି ସେ। ଦିନଥିଲା ଏହି ରେଡ଼ିଓ ଦୋକାନରେ ଦିନରାତି ରେଡ଼ିଓ ମରାମତି କାମ କରିବାକୁ ପଡୁଥିଲା। କନତୋରାଠାରୁ ଆରମ୍ଭକରି ତିଳିଆ, ଗାନ୍ଧିଛକ, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଠାରୁ ମଧ୍ୟ ଲୋକେ ସାଇକେଲରେ ଆସି ରେଡ଼ିଓ ମତାମତି କରିବାକୁ ଯଯାତିଙ୍କ ଦୋକାନକୁ ଆସୁଥିଲେ। ଅତିଭଦ୍ର ଓ ନମ୍ର ଭାବରେ ଗ୍ରାହକ ମାନଙ୍କୁ ଆଦରର ସହିତ ବସିବାକୁ କହି ରେଡ଼ିଓ ମରାମତି କରି ଦେଉଥିଲେ ଯଯାତି। ଏହି ଅଞ୍ଚଳରେ ଜଣେ ଦକ୍ଷ ଓ ନାମକରା ରେଡ଼ିଓ ମିସ୍ତ୍ରୀ ଭାବରେ ଯଯାତିଙ୍କର ଖ୍ୟାତି ରହିଛି। ଲଖନପୁର ଦଲଗାଁ ନିକଟସ୍ଥ ପିପିଲିକାନିର ଏକ ସାଧାରଣ ଚାଷୀ ପରିବାରରେ ୧୯୫୪ ମାର୍ଚ୍ଚ ୭ ତାରିଖରେ ଯଯାତିଙ୍କ ଜନ୍ମ। ସେ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢ଼ିବାର ସୁଯୋଗ ପାଇଥିଲେ। ସେ ସମୟରେ ମାଟ୍ରିକ ପାଠ ପଢୁଥିବା ଛାତ୍ରଙ୍କୁ ସରକାରୀ ଚାକିରୀ ନିଶ୍ଚିତ ମିଳୁଥିଲା। ତାଙ୍କ ପାଖକୁ ମଧ୍ୟ ଅନେକ ଚାକିରୀ କରିବାର ପ୍ରସ୍ତାବ ଆସିଥିଲା। ଏମିତିକି ଶିକ୍ଷକତା କରିବାକୁ ମଧ୍ୟ ଅନେକ ସ୍କୁଲରୁ ପ୍ରସ୍ତାବ ଆସିଥିଲା। କିନ୍ତୁ ମାଟ୍ରିକ ପାସ କରିଥିବା ଯଯାତିଙ୍କ ମୁଖ୍ୟ ଆକର୍ଷଣ ଥିଲା ସେହି ରେଡ଼ିଓ ଯେଉଁଥିରେ ଓଡ଼ିଆ ଓ ହିନ୍ଦୀ ସିନେମାର ସୁନ୍ଦର ଗୀତ ବାଜି ଉଠୁଥିଲା। ସେହି ରେଡ଼ିଓ ଯେଉଁଥିରେ ଚାଷର ହାଲଚାଲ କଥା କହୁଥିଲା। ଗାଁ ଡ଼ାକଘରୁ ପୋଷ୍ଟକାର୍ଡ଼ଟିଏରେ ନିଜର ବନ୍ଧୁ ପରିବାରଙ୍କ ନାମ ଲେଖି ଗୀତଟିଏ ପାଇଁ ଅନୁରୋଧ କଲେ ରେଡ଼ିଓ କହେ ନିଜ ନାଁ। ଏହି ରେଡ଼ିଓ ଭିତରେ କଣ ଅଛି, କେମିତି ବାଜେ ଏହି ରେଡ଼ିଓ ଏହା ସବୁବେଳେ ଯଯାତିଙ୍କ ମନରେ ଉଙ୍କି ମାରୁଥିଲା। ଶେଷରେ ଝାରସୁଗୁଡ଼ାରେ ଥିବା ନିକୋ ରେଡ଼ିଓ ସେଣ୍ଟରର ମାଲିକ ଅଭୟ ପଟ୍ଟନାୟକଙ୍କ ଦୋକାନରେ ରହି ୧୯୭୩ ମସିହାରୁ ତିନି ବର୍ଷ ଧରି ୧୯୭୬ ମସିହା ପର୍ଯ୍ୟନ୍ତ ଯଯାତି ରେଡ଼ିଓ ମରାମତି କାମ ଶିଖିଥିଲେ। ପରେ ଗୁମାଡେରାଠାରେ ନିଜର ନିୟୁ ରେଡ଼ିଓ ସାଉଣ୍ଡ ବୋଲି ଏକ ରେଡ଼ିଓ ମରାମତି ଦୋକାନ ଅରମ୍ଭ କରନ୍ତି। ସେ



ସମୟରେ ସମଗ୍ର ଲଖନପୁର ବ୍ଲକ ଅଞ୍ଚଳରେ ମାତ୍ର ୫୦ଟି ରେଡ଼ିଓ ଥିଲା। ରେଡ଼ିଓର ଦାମ ମଧ୍ୟ ବହୁତ ଥିଲା ୫ ଶହ ଟଙ୍କାରୁ ୧୨ ଶହ ଟଙ୍କା। କାରଣ ସେତେବେଳେ ଭାରତରେ ରେଡ଼ିଓ ନିର୍ମାଣ କାଁଭାଁ ହେଉଥିଲା। ନେସନାଲ, ଇକୋ, ସାର୍ପ, ସିନି, ଫିଲିପ୍ସ, ମର୍ଫି, ନେସନାଲ ପାନାସୋନିକ, ବୁଶ ଭଳି ନାମିଦାମୀ ରେଡ଼ିଓ ବିଦେଶରୁ ଆସି ଭାରତରେ ବିକ୍ରି ହେଉଥିଲା। କେବଳ ସେତିକି ନୁହଁ ରେଡ଼ିଓ ଘରେ ରଖି ଶୁଣିବାକୁ ମଧ୍ୟ ଏକ ଡୋମେଷ୍ଟିକ ଲାଇସେନ୍ସ (ଭାରତୀୟ ଟେଲିଗ୍ରାମ ଅଧିନିୟମ ୧୮୮୫) ଅନୁସାରେ ପଞ୍ଜିକୃତ କରିବାକୁ ପଡୁଥିଲା। ସବୁ ପୋଷ୍ଟ ଅଫିସରେ ଏହି ଲାଇସେନ୍ସ ମିଳୁଥିଲା। ବାର୍ଷିକ ଏଥିପାଇଁ ଗ୍ରାହକଙ୍କୁ ୧୫ ଟଙ୍କା ଦେବାକୁ ପଡୁଥିଲା। କେବଳ ସେତିକି ନୁହଁ ରେଡ଼ିଓ ମରାମତି ଦୋକାନ କରିବାକୁ ହେଲେ ମଧ୍ୟ କମରସିଆଲ ଲାଇସେନ୍ସ କରିବାକୁ ପଡୁଥିଲା। ଗ୍ରାହକ ମାନେ ରେଡ଼ିଓ ମରାମତି କରିବାକୁ ଆସୁଥିଲେ ଲାଇସେନ୍ସ ନେଇ ଆସିବାକୁ ପଡୁଥିଲା। ରେଡ଼ିଓ ଦୋକାନୀ ମାନେ ବାଧ୍ୟତାମୂଳକ ଭାବରେ ମରାମତି କରୁଥିବା ରେଡ଼ିଓ ଓ ଏହାର ଲାଇସେନ୍ସର ବିବରଣୀ ଏକ ରେଜିଷ୍ଟରରେ ଲେଖୁଥିଲେ। ଜଣେ ରେଡ଼ିଓ ଇନସପେକ୍ଟର ସମ୍ବଲପୁରରୁ ଆସି ଏହା ତଦାରଖ କରୁଥିଲେ। ଯଯାତ କଲିକତାରୁ ଶିଖି ଆସିଥିବା ଏକ ଓ୍ୟାରଲେସ ଟ୍ରାନ୍ସମିଟର ତିଆରି କରି ଏକ ମାଇକ୍ରୋଫୋନରେ ଆକାଶବାଣୀ ବେଲପାହାଡ଼ ବୋଲି ଯଯାତି କହିଦେବାରୁ ଯାଞ୍ଚ ପାଇଁ ଆସିଥିବା ରେଡ଼ିଓ ଇନସପେକ୍ଟର ତାହା ଜାଣିପାରିଥିଲେ। ସେ ସମୟରେ ଯଯାତିଙ୍କୁ ଶହେ ଟଙ୍କା ଜରିମାନା ଦେବାକୁ ପଡ଼ିଥିଲା। ଅବଶ୍ୟ ସେ ସମୟରେ ଯଯାତି ରେଡ଼ିଓ ମରାମତି କରି ଦୈନିକ ଶହେ ଟଙ୍କା ରୋଜଗାର କରୁଥିଲେ। ବର୍ତ୍ତମାନ ସମୟ ବଦଳିଛି, ଦିନକୁ ଦିନ ରେଡ଼ିଓର ଚାହିଦା କମିବାରେ ଲାଗିଛି। ଏବେ ମୋବାଇଲ ଫୋନରେ ଏଫ୍‌ଏମ୍ ରେଡ଼ିଓ ବାଜୁଛି। ଆଖିଆଗରେ ରେଡ଼ିଓକୁ ସିନେମା, ଟେଲିଭିଜନ, ଭିସିଆର, ସିଡି, ଡିଭିଡି ଓ ବର୍ତ୍ତମାନ ସ୍ମାର୍ଟ ଫୋନ ଟକ୍କର ଦେଇ ଆସୁଛି। ଜଣେ ଟିଭି କିମ୍ବା ମୋବାଇଲ କାରିଗର ମରାମତି କଲେ ୨୦୦ ଟଙ୍କାରୁ ୫୦୦ ଟଙ୍କା ନେଉଛନ୍ତି କିନ୍ତୁ ଯଯାତିଙ୍କ ପରି ରେଡ଼ିଓ ମେକାନିକ ଅଧିକରୁ ଅଧିକ କୋଡ଼ିଏ ଟଙ୍କା ମଧ୍ୟ ପାଉନାହାନ୍ତି। ବର୍ତ୍ତମାନ ଆଉ ରେଡ଼ିଓର ସ୍ପେୟାର ପାର୍ଟସ ମଧ୍ୟ ମିଳୁ ନ ଥିବାରୁ ଲୋକେ ସେହି ପୁରୁଣା ରେଡ଼ିଓକୁ ମରାମତି କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଦିନକୁ ଦିନ ରେଡ଼ିଓ ହଜି ଯାଉଥିବାବେଳେ ଯଯାତିଙ୍କ ଜୀବିକା ମଧ୍ୟ ମରିଯାଉଛି।

# ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜନ୍ମ ତିଥି ପାଳିତ

**ଲଖନପୁର, ୧୨।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ବନହରପାଲି ଡ଼ିଏଭି ପବ୍ଲିକ ସ୍କୁଲ ପକ୍ଷରୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ତମ ଜନ୍ମ ତିଥି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷା ଅନୀତା ଭାଗ୍ୟରାଜଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ୨୧ କୁଣ୍ଡୀୟ ଯଜ୍ଞ ହବନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓପିଜିସି ମାନବସମ୍ବଳ ଅଧିକାରୀ ଡକ୍ଟର ରତିକାନ୍ତ ଦାସ ମୁଖ୍ୟ ଯଜମାନ ସହ ଓ ପିଜିସି ମହିଳା କ୍ଲବ ସଭାପତି ତାରକେଶ୍ୱରୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଡ଼ିଏ ଭି ସ୍କୁଲର ଦ୍ୱାଦଶ ଶ୍ରେଣୀ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା ୨୧ କୁଣ୍ଡୀୟ ଯଜ୍ଞ, ହବନ କାର୍ଯ୍ୟ ସମ୍ପନ୍ନ ହେବା ସହିତ ଓପିଜିସି କଲୋନୀ ପରିସରରେ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ପଦଯାତ୍ରା କରିଥିଲେ। ଯଜ୍ଞ ହବନର ମୁଖ୍ୟ ପୁରୋଧା ଶାସ୍ତ୍ରୀ ସୁରେନ୍ଦ୍ର




ଭୋଇ, ପ୍ରମୋଦ କୁମାର ଦାସଙ୍କ ସହ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଉତ୍ସବରେ ସାମିଲ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ। ଇଂରାଜୀ ଶିକ୍ଷକ ଦେବାଶିଷ ରାୟ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏଚ୍‌ଏଆଇ, ପୁଲିସ ଓ ପରିବହନ ବିଭାଗର ଯୁଗ୍ମ ପରିଦର୍ଶନ

**ଝାରସୁଗୁଡ଼ା, ୧୨।୨(ସମିସ):** ଲଖନପୁର ବ୍ଲକ ଜୁନିଏନ ଛକ ନିକଟସ୍ଥ ଜାତୀୟ ରାଜପଥ ୪୯ରେ ଗତକାଲି କୋଇଲା ବୋଝେଇ ଟ୍ରେଲର ଧକ୍କାରେ ଯାତ୍ରୀବାହୀ ମ୍ୟାଜିକ ଗାଡ଼ିର ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ହୋଇଥିଲେ। ଏହି ପ୍ରେକ୍ଷୀରେ ସୋମବାର ଦୁର୍ଘଟଣା ସ୍ଥଳକୁ ଏନଏଚଏଆଇର ଡେପୁଟି ମ୍ୟାନେଜର ନୀତିନ ଗୁପ୍ତା, ପରିବହନ ବିଭାଗର ଏମଭିଆଇ ସାହିଲ ସେଠୀ ଓ ପୁଲିସ ପ୍ରଶାସନ ପକ୍ଷରୁ ଲଖନପୁର ଥାନାଧିକାରୀ ବିନୋଦ କୁମାର ରାଓ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ଜୁନିଏନ ଛକକୁ ବ୍ଲାକ ସ୍ପଟ ତଥା ଦୁର୍ଘଟଣା ପ୍ରବଣ ସ୍ଥାନ ଭାବରେ ଚିହ୍ନଟ କରାଯାଇଛି। ଜାତୀୟ ରାଜପଥ ୪୯କୁ ୪ ଥାକିଆ ରାସ୍ତା ନିର୍ମାଣ ସକାଶେ ସମସ୍ତ ପ୍ରକାର ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ଏହି ଅବସରରରେ ଏନଏଚଏଆଇର ଡେପୁଟି ମ୍ୟାନେଜର ଶ୍ରୀ ଗୁପ୍ତା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।



# ଓପିଏମ୍ ଖେଳପଡ଼ିଆକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ ଦାବି

**ବ୍ରଜରାଜନଗର, ୧୨।୨ (ସମିସ):** ବ୍ରଜରାଜନଗର ପୌର ପରିଷଦସ୍ଥିତ ଓପିଏମ ଖେଳପଡ଼ିଆର ନବୀକରଣ କାର୍ଯ୍ୟ ପାଇଁ ଧନ୍ୟବାଦ ଜ୍ଞାପନ କରିବା ସହିତ ଏହି ଖେଳ ପଡ଼ିଆକୁ ବିର୍ଷା ମୁଣ୍ଡାଙ୍କ ନାମରେ ନାମିତ କରିବା ପାଇଁ ବ୍ରଜରାଜନଗର ଜନ ସାଧାରଣଙ୍କ ତରଫରୁ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରଜରାଜନଗର ଓରିଏଣ୍ଟ କାଗଜ କଳ ପକ୍ଷରୁ ଓପିଏମ କଲୋନୀ ଭିତରେ ୧୯୬୦ ମସିହାରେ ଏହି ଖେଳ ପଡ଼ିଆ ନିର୍ମାଣ ହୋଇଥିଲା। ଏହି ପଡ଼ିଆରେ ଫୁଟବଲ, କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହୋଇଥାଏ। ଖେଳପଡ଼ିଆର ନବୀକରଣ ଦ୍ୱାରା ଆଗାମୀ ଦିନରେ ଏହି ଖେଳ ପଡ଼ିଆ ଏକ ଟ୍ରେନିଂ ହବ ଭାବରେ ପରିଣତ ହେବା ନେଇ ଅଞ୍ଚଳବାସୀଙ୍କର ଆଶା ରହିଛି। ଏହାକୁ ବିର୍ଷା ମୁଣ୍ଡାଙ୍କ ନାମରେ ନାମିତ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରାଯାଇଛି। ବ୍ରଜରାଜନଗର ଉପ ପୌରାଧକ୍ଷ କୃଷ୍ଣ ଗୋପାଳ ସୀତାନି, ପୂର୍ବତନ ପୌରାଧକ୍ଷ ଜୟନ୍ତ କୁମାର ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।



# ଆନ୍ଦୋଳନ ପରେ ନିଯୁକ୍ତି ଦେବାକୁ କମ୍ପାନୀ ରାଜି

**ଝାରସୁଗୁଡ଼ା, ୧୨।୨(ସମିସ):** ଏମସିଏଲ ଅଧୀନସ୍ଥ ମହାଲକ୍ଷ୍ମୀ ସାକାର କମ୍ପାନୀରେ ନିଯୁକ୍ତି ଦାବି ନେଇ ଗତ ୮ ଦିନ ହେଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ପୂର୍ବ ଶ୍ରମିକଙ୍କୁ ନିଯୁକ୍ତି ପାଇଁ କମ୍ପାନୀ ରାଜି ହୋଇଛି। ସୋମବାର ଲଖନପୁର ଖଣି କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ କମ୍ପାନୀ ମଙ୍ଗଳବାର ହିଁ ନିଯୁକ୍ତିପତ୍ର ଦେବାକୁ ରାଜି ହୋଇଛି। ଆଜି ସନ୍ଧ୍ୟା ୫ଟାରେ ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏମସିଏଲ ଲଖନପୁର ଜିଏମ ସଞ୍ଜୟ ଝା, ମହାଲକ୍ଷ୍ମୀ ସାକାରର ଜିଏମଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କମ୍ପାନୀରେ କୌଣସି ପଦ ଖାଲି ନ ଥିବା ହେତୁ ନିଯୁକ୍ତି ସମ୍ଭବ ନୁହେଁ ବୋଲି ମହାଲକ୍ଷ୍ମୀ ସାକାରର ଅଧିକାରୀମାନେ ସ୍ପଷ୍ଟ କରିଥିଲେ। ଏହାକୁ ନେଇ କିଛି ସମୟ କଥା କଟାକଟି ପରେ କମ୍ପାନୀର ଅନ୍ୟ କାର୍ଯ୍ୟସ୍ଥଳରେ ଏହି ୨୦ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ସହମତି ପ୍ରକାଶ ପାଇଛି। ତେବେ ଯେଉଁମାନେ ଅନ୍ୟତ୍ର କାମ କରିବାକୁ ରାଜି ନ ହେବେ ଲଖନପୁର କ୍ଷେତ୍ରରେ ପଦ ଖାଲି ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ତା ଛଡ଼ା ପଦ ଖାଲି ହେଲେ ଅନ୍ୟତ୍ର କାମ କରୁଥିବା କର୍ମଚାରୀଙ୍କୁ ମଧ୍ୟ ଫେରାଇ ଅଣାଯିବ ବୋଲି କୁହାଯାଇଛି। ଆନ୍ଦୋଳନକାରୀମାନେ ଏହି ସର୍ତ୍ତରେ ରାଜି ହେବା ସହ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ସୂଚନାଯୋଗ୍ୟ ଏହି ଶ୍ରମିକମାନେ ପୂର୍ବରୁ ଭିପିଆର-ଜିକେଆର କମ୍ପାନୀରେ କାର୍ଯ୍ୟରତ ଥିବା ବେଳେ ସମ୍ପୃକ୍ତ କମ୍ପାନୀର ଚୁକ୍ତି ଶେଷ ହେବା ପରେ ନୂତନ ଚୁକ୍ତିବଦ୍ଧ ମହାଲକ୍ଷ୍ମୀ ସାକାର ସେମାନଙ୍କୁ ନିଯୁକ୍ତି ଦେଇ ନ ଥିଲା।




# କଣ୍ଡେଇକେଲା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଲଖନପୁର, ୧୨।୨(ସମିସ):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକର କଣ୍ଡେଇକେଲା ଗ୍ରାମ ପଞ୍ଚାୟତଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ପଞ୍ଚାୟତସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ଅବସରରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଲୋକମାନଙ୍କୁ ଓଡ଼ିଶା ସରକାରଙ୍କ ଯୋଜନା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଲଖନପୁର ଜୋନ-୧ ସଦସ୍ୟ ସନତ ସିଂ, ସରପଞ୍ଚ ଅଶୋକ ସେଠ, ସମିତି ସଭ୍ୟ ଅନିଲ ବାରିକ, ଏବିଡିଓ ଗୋପାଳ କୃଷ୍ଣ ପଣ୍ଡା, ଚନ୍ଦ୍ର ଶେଖର ବେହେରା, ଅଭିଷେକ ପାଣିଗ୍ରାହୀ, ଅଲେଖ ବାରିକ ତଥା ମିଶନ ଶକ୍ତି ମାଆ ମାନେ ଉପସ୍ଥିତ ଥିଲେ।




# ଏଲ୍‌ଏନ୍ କଲେଜକୁ ସରକାରୀ ମାନ୍ୟତା ଦାବିରେ ୧୨ ଘଣ୍ଟିଆ ଝାରସୁଗୁଡ଼ା ବନ୍ଦ

**ଝାରସୁଗୁଡ଼ା, ୧୨।୨(ସମିସ)**

ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ୧୨ ଘଣ୍ଟିଆ ଝାରସୁଗୁଡ଼ା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବରେ ପାଳିତ ହୋଇଯାଇଛି। ଏହି ବନ୍ଦ ପାଇଁ ଛାତ୍ର ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ପୁରୁଣା ବସଷ୍ଟାଣ୍ଡ, ସହର ବିଭିନ୍ନ ଛକରେ ପିକେଟିଂ କରି ବନ୍ଦ କରିଥିଲେ। ବନ୍ଦ ଡାକରା ଯୋଗୁଁ ସହରର ଦୋକାନ ବଜାର, କଲେଜ, ସ୍କୁଲ, ବ୍ୟାଙ୍କ ବନ୍ଦ ରହିଥିବା ବେଳେ ବସ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଝାରସୁଗୁଡା ଜିଲ୍ଲା ଗଠନ ହେବା ୩୧ ବର୍ଷ ଓ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଗୋଟିଏ ସରକାରୀ କଲେଜ ନାହିଁ କିମ୍ବା ପିଜି, ବିଇଡି ପାଠ୍ୟକ୍ରମ ମଧ୍ୟ ଜିଲ୍ଲାର କୌଣସି ମହାବିଦ୍ୟାଳୟରେ ନାହିଁ। ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ସଫଳତା ମିଳି ନ ଥିଲା। ଜିଲ୍ଲାର ପ୍ରମୁଖ ଛାତ୍ର ସଂଗଠନ ଛାତ୍ର ସାମ୍ମୁଖ୍ୟ ଆଜି ଜିଲ୍ଲାର ସର୍ବ ପୁରାତନ ମହାବିଦ୍ୟାଳୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ସରକାରୀକରଣ ଓ ପି.ଜି, ବି.ଇ.ଡି ପାଠ୍ୟକ୍ରମ




ଆରମ୍ଭ, ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟକୁ ମହାବିଦ୍ୟାଳୟରେ ପରିଣତ, ଜିଲ୍ଲାର ଉପାନ୍ତ ଲଖନପୁର ବ୍ଲକର ୧୯ ଖଣ୍ଡ ମୌଜାରେ ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପନ, ଜିଲ୍ଲାରେ ନର୍ସିଂ ଓ କୃଷି ମହାବିଦ୍ୟାଳୟ ସ୍ଥାପନ, ସମସ୍ତ ମହାବିଦ୍ୟାଳୟ ମାନଙ୍କର ଜମି ପଟ୍ଟା ପ୍ରଦାନ, ଲଇକେରା କୋଲାବିରା କିର୍ମିରା ଅଞ୍ଚଳରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା, ଜିଲ୍ଲା ଖଣିଜ ପାଣ୍ଠି ଓ ସି.ଏସ. ଆର ପାଣ୍ଠି ରୁ ଏକ ବଡ଼ ଅଂଶ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରାଯିବା ପରି ୭ ଦଫା ଦାବିକୁ ନେଇ ଝାରସୁଗୁଡା ବନ୍ଦ ଡାକରା ଦେଇଥିଲା। ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ଅସୀମ ପଟେଲ, ରବି ରୋହିଦାସ, ନନ୍ଦୁ ରୋହିଦାସ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ସମ୍ବିତ ନାଏକ, ବଳରାମ ରୋହିଦାସ, ରୂପେଶ ଟପ୍ପୋ, ଭୁବନ କିସାନ, ମନୀଷ ମାଝୀ, ବାପି ନାଏକ, ପିଣ୍ଟୁ ପଧାନ, ମନୋଜ କିଷାନ, ଶିବା ଜୟପୁରୀୟ, ରାଜେଶ ବେହେରା, ପ୍ରମୁଖ ସହଯୋଗ କରିଥିଲେ। ଏହି ଆନ୍ଦୋଳନକୁ କୋଶଳ ସେନା, ଓକିଲ ସଂଘ, ବଣିକ ସଂଘ, ଆଦିବାସୀ ସଂଘ, ଡ୍ରାଇଭର ମହା ସଂଘ, ବିଭିନ୍ନ ସାମାଜିକ ସଂଗଠନ ଓ ରାଜନୈତିକ ଦଳ ସମର୍ଥନ କରିଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ଝାରସୁଗୁଡ଼ା, ୧୨।୨(ସମିସ):** ବେଲପାହାଡ଼ ପୌର ପରିଷଦ ପକ୍ଷରୁ ସୋମବାର ଜାହାଜପଡ଼ାଠାରେ ଓଡ଼ିଶା ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ପୌର କାଉନସିଲର କହ୍ନେଇ ଚରଣ ସେଠ, ଯୁଧିଷ୍ଠିର ମୁଖୀ, ପ୍ରଶାନ୍ତ ରାଉତ, ଶକୁନ୍ତଳା ମହନ୍ତ, କିରନ ମରେଇ, ନିକି କାଲୋ, ସୁମନ୍ତି କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନିକଟରେ ୟୁନିଭରସିଟୀ ଅଫ ୱାସିଂଟନ୍ ପକ୍ଷରୁ ପର୍ଫମିଙ୍ଗ ଅଫ ଆର୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ମିରର ଥିଏଟରର ନାଟ୍ୟ ନିର୍ଦ୍ଦେଶକ ଡ଼ା. ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ଡକ୍ଟରେଟ ମିଳିଥିବାରୁ ତାଙ୍କୁ ପୌର ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଛି। ପୌର କର୍ମଚାରୀ ଶୈଳେଶ ବହିଦାର ସଭାକାର୍ଯ୍ୟ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜନରେ ପୌର କର୍ମଚାରୀ ଡ଼ା. ଦିଲୀପ ନାଏକ, ସୌମ୍ୟ ବିଶ୍ୱରଞ୍ଜନ ମହାଲି, ଅକ୍ଷୟ ସାହୁ ପ୍ରମୁଖଙ୍କ ସମେତ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସହଯୋଗ କରିଥିଲେ।



